ସାପ୍ତାହିକ ସ୍ୱୀକାର

Postal Regd. No.: SBP/14/2025-2027

The Sweekar स्वीकार

www.sweekarweekly.com

ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା

RNI No. 66443/94

Vol.29 | Issue - 31 | 3 - 9 August 2025 | Sambalpur | Pages- 8 | Invitation Price Rs.10

# ପଶ୍ଚିମ ଓଡ଼ିଶାରେ 'ସମ୍ବଲପୁରୀ ଦିନ୍' ମହାସମାରୋହରେ ପାଳିତ









ସମ୍ବଲପୁର: ବିଶିଷ୍ଟ ସମ୍ବଲପୁରୀ କବି ଗୁରୁ ସତ୍ୟନାରାୟଣ ବହିଦାରଙ୍କର ଜନ୍ମଦିନ ଉପଲକ୍ଷେ ଅଗଷ୍ଟ ୧ ତାରିଖି ଦିନ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ 'ସମ୍ବଲପୁରୀ ଦିନ୍' ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି । ଏହି ଅବସରରେ ପଶ୍ଚିମ ଓଡ଼ିଶାର ଆବାଳ ବୃଦ୍ଧବନିତା ସମ୍ବଲପୁରୀ ବସ୍ତ୍ର ପରିଧାନ ସାଙ୍ଗକୁ ବିଭିନ୍ନ ସଭା ସମିତି ଓ ସାଂସ୍କୃତିକ



କାର୍ଯ୍ୟକ୍ରମରେ ଯୋଗଦେଇ ଗୁରୁ ସତ୍ୟନାରାୟଣଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ସମ୍ବଲପୁରରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଦୁଇଦିନିଆ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନ ପାଳନ କରା ଯାଇଛି । ଗୁରୁ ବହିଦାରଙ୍କର ଜନ୍ମସ୍ଥାନ ସୋନପୁର ମାଟିରୁ ଆସିଥିବା ମଶାଲ ଯାତ୍ରାକୁ ସ୍ୱାଗତ କରାଯାଇ ସଭା ସ୍ଥଳରେ ରଖାଯାଇଥିଲା । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗ୍ରାମ ଉନ୍ନୟନ, ପଞ୍ଚାୟତି ରାଜ, ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଆଇ.ଆଇ.ଏମ ସମ୍ବଲପୁର୍‌ର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍.ପି ମୁକେଶ ଭାମୁ, ଶୁଭଶ୍ରୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଉତ୍ସବରେ ନାଟ୍ୟକାର, ଅଭିନେତା ଗୁରୁ ଶ୍ରୀ ଭୁବନ ଭୋଇଙ୍କୁ ଚଳିତ ବର୍ଷର 'ଗୁରୁ ସତ୍ୟ ନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନ' ରେ ସମ୍ମାନିତ କରାଯାଇଥିଲା । ମଞ୍ଚର ଉପଦେଷ୍ଟା ପୂର୍ବତନ ବିଧାୟକ ନାଉରୀ ନାଏକ, ଆଡ଼ଭୋକେଟ୍



ଡକ୍ଟର ପ୍ରମୋଦ ରଥ, ଆବାହକ ଶ୍ରୀ ଭବାନୀଶ ଭୋଇ, ମୁଖ୍ୟ ସଂଯୋଜକ ଶ୍ରୀ ମାନସ ରଞ୍ଜନ ବକ୍ସି ପ୍ରମୁଖ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପୂର୍ବରୁ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ।

ସେହିପରି ଗଙ୍ଗାଧର ମଣ୍ଡପରେ ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ୍ ମହାସମାରୋହରେ ପାଳିତ ହୋଇଥିଲା । ଏଥିରେ ମଧ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗ୍ରାମ ଉନ୍ନୟନ, ପଞ୍ଚାୟତି ରାଜ, ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍.ପି ମୁକେଶ ଭାମୁ, ଶୁଭଶ୍ରୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

ଏହି ଅବସରରେ ସମ୍ବଲପୁରର ଭାଷା, ସଂସ୍କୃତି, ନାଟକ, କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୃତ୍ୟ ଶିଳ୍ପୀ ଜ୍ୟୋତ୍ସ୍ନାମୟୀ ମିଶ୍ର, ନାଟ୍ୟକାର ଗଦାଧର ବାରିକ, ଯୁବ କଳାକାର ରୋଶନ ଭରଦ୍ୱାଜ୍ ଓ ମୁନିଆ ପାଣିଗ୍ରାହୀ ଏବଂ ଶିଶୁ କଳାକାର ଭବ୍ୟା ଭାରତ ଦାଶଙ୍କୁ ସମ୍ବଲପୁରୀ ସମ୍ମାନ ୨୦୨୫ ରେ ସମ୍ମାନିତ କରାଯାଇଥିଲା । ସେହିପରି କମଳ ଲୋଚନ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ପ୍ରାୟ ୬୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ । ଏହାଛଡ଼ା ସମ୍ବଲପୁରୀ ସଂସ୍କୃତି ଓ ପରମ୍ପରା ଶୀର୍ଷକ ଝୋଟି ପ୍ରତିଯୋଗିତା ଏବଂ ସମ୍ବଲପୁରୀ ପୋଷାକର ଫ୍ୟାଶନ୍ ସୋ' ମଧ ଆୟୋଜିତ ହୋଇଥିଲା । ଏକତାମଞ୍ଚର ସଭାପତି ସମୀର ରଞ୍ଜନ ବାବୁ, ସମ୍ପାଦକ ସୂର୍ଯ୍ୟପ୍ରକାଶ ଗୁରୁ, ମନୋଜ ଚୌଧୁରୀ, ତ୍ରିଲୋଚନ ତ୍ରିପାଠୀ, ଡାକ୍ତର ସଞ୍ଜୀବ କୁମାର ମିଶ୍ର, ଅମୀତ କୁମାର ପତି, ନନ୍ଦ କିଶୋର ସାହୁ, ଅରୁଣ ଦାଶ, ବିନୟରାମ ଗୋପାଳ ଅଗ୍ରୱାଲ, ରାଜୀବ ଲୋଚନ ସାହୁ, ସୌମ୍ୟଜିତ ପଟ୍ଟନାୟକ, ଧରଣିଧର ନାଥ, ରାଜକୁମାର ଜାଲ, ମୋହନ ଦାଶ ଏବଂ ସୌମିକ ବାବୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।







## ଏ ସଂଖ୍ୟାରେ..



ତ୍ୱଚା ପାଇଁ ବରଦାନ ନଡିଆ ତେଲ



ଅଧିକ ପାଣି ପିଇବା ହାନିକାରକ



ଓଜନ କମାଇବ ଅଦା



ହିତକାରୀ ପରିବା ବିଟ୍



ଇନ୍‌ଫେକଶନ କମାଏ ଲେମ୍ବୁପାଣି



ସାଗୁଦାନାର ଉପକାରିତା

# କଳା ଓ କଳା



## ଡକ୍ଟର ପ୍ରମୋଦ କୁମାର ପଣ୍ଡା

କୃଷ୍ଣକାୟ ଭାରତୀୟ ହୋଇଥିବାରୁ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କୁ ୧୮୯୩ ମସିହାରେ ଏକଦା ଦକ୍ଷିଣ ଆଫ୍ରିକାର ଡର୍ବାନରୁ ପ୍ରିଟୋରିଆ ଯାତ୍ରାବେଳେ ପିଟରମୈରିଟିଜବର୍ଗ ଷ୍ଟେସନରେ ପ୍ରଥମ ଶ୍ରେଣୀ ରେଲ ଡବାରୁ ବଳପୂର୍ବକ ବାହାରକରି ଅପମାନିତ କରାଯାଇଥିଲା । କେରଳର ପୂର୍ବ ମୁଖ୍ୟ ଶାସନ ସଚିବ ସାରଦା ମୂରଳୀଧରନ କଳା ଥିବାରୁ ତାଙ୍କ ଚାକିରିକାଳ ସେତିକି କଳା ହୋଇଥିବ ଯେତିକି ତାଙ୍କ ସ୍ୱାମୀ ଗୋରା ବୋଲି କଟାକ୍ଷ କରାଯାଇଥିଲା ।

ବରଂ ବାଡୁଅ ରହିଲେ ଚଳିବ । ଅଥଚ ସଫେଦ ବୋହୂ ନହେଲେ ନଚଳେ । ଶ୍ୱେତଗାତ୍ରୀ ସର୍ବଗୁଣସମ୍ପନ୍ନା । ସମସ୍ତ କଳାଯୁକ୍ତା । ଅଶ୍ୱେତାଙ୍ଗୀ ସର୍ବଗୁଣଶୂନ୍ୟା । ସମ୍ପୂର୍ଣ୍ଣ କଳାରିକ୍ତା । ଶାଶୁମାନଙ୍କ ମାନସିକତା ଏପରି ।

କୃଷ୍ଣକାୟ ବ୍ୟକ୍ତି ସାମାନ୍ୟତଃ ନିମ୍ନ ଜାତିର, ଗରୀବ । ଏହା ସମାଜର ଅନ୍ୟ ଏକ ଆଖିବୁଜା ନିଷ୍ଠୁର ବିଶ୍ୱାସ । ବିନା ତଥ୍ୟପ୍ରମାଣ ପର୍ଯ୍ୟବେସିତ ଏମନ୍ତ ବିକୃତ ବିବୃତ୍ତି ବିଭାଜନକାରୀ ବିଚାର ନୁହେଁ ତ ଆଉ କଣ ? କେତେକ ଅଞ୍ଚଳରେ କାଳିଆ ବ୍ରାହ୍ମଣ ଓ ଗୋରା ଶୁଦ୍ରକୁ ପରତେ ନାହିଁ ବୋଲି କୁହନ୍ତି । ଅବିଶ୍ୱାସ କରନ୍ତି । ଏହାରି ପଛର ଯୁକ୍ତି ହେଲା କୁଆଡେ ସେମାନେ ଆଶାତୀତ ମାରାତ୍ମକ ।

କଳା ରଙ୍ଗକୁ ଲୋକେ ଅତି ଅଶୁଭ କୁହନ୍ତି । ନକାରାତ୍ମକତାର ପ୍ରତୀକ ଭାବନ୍ତି । ପୂଜାପାଠ କିମ୍ବା ଧର୍ମାନୁଷ୍ଠାନରେ କଳା ରଙ୍ଗର ବସ୍ତ୍ର ପରିଧାନ ବର୍ଜିତ ଅଟେ । କଳାକୁ ରୋଗ, ଶୋକ ଏବଂ ମୃତ୍ୟୁ ସହିତ ଯୋଡି ଦେଖାଯାଏ । ବିରାଡ଼ି ବାଟ କାଟିଲେ ବିପଦର ସୂଚନା ବୋଲି ଲୋକଙ୍କ ଧାରଣା । ଜନମତାନୁସାରେ କଳା ବିରାଡ଼ି ଦେଖିବା ଅର୍ଥ ତ ମହାବିପଦର ସଂକେତ । ତେବେ, କଳା ଯଦି ଏତେ ଅଶୁଭ, ଅମଙ୍ଗଳ ଓ ଅନିଷ୍ଟକାରୀ ଲୋକେ କଳା ବାଳ ପସନ୍ଦ କରନ୍ତି କାହିଁକି ? ଟିକେନାକ ସଫେଦ ନହେଉଣୁ ଅଯଥା ପାର୍ଲରମୁଖା ହେବାର କାରଣ କଣ ? କଜ୍ୱଳ କଳା । ତଥାପି ତାରି ବିନା ଶୃଙ୍ଗାର ଅଧୁରା କାହିଁକି ? ନଜର ଲାଗିବନି ବୋଲି ମାଁ ନିଜ ସନ୍ତାନ ମଥାରେ କଳା ଟୋପାଟିଏ ଲଗାଏ କାହିଁକି ? କଳାପାହାଡ଼, କଳାପାଣି, କଳାଧନ, କଳାବଜାର, କଳାଦାଗ, କଳାମୁହାଁ, କଳା କାରନାମା, କଳାଅଧ୍ୟାୟ ଇତ୍ୟାଦି ସାଂକେତିକ ଶବ୍ଦ । କଳା ରଙ୍ଗର ଦୋଷ କଣ ଏଥିରେ ? ଏହା ପଣସ ଖାଇ ପର ମୁଣ୍ଡରେ ଅଠା ବୋଳିବା ନୁହେଁ ତ ଆଉ କଣ ? ।

ଭଗବାନ ବିଷ୍ଣୁଙ୍କ ଅଷ୍ଟମ ଅବତାର ଶ୍ରୀକୃଷ୍ଣ କଳା ହେଲେବି ଷୋହଳ ଦିବ୍ୟଗୁଣଧାରୀ । କରୁଣା, ଧୈର୍ଯ୍ୟ, କ୍ଷମା, ନ୍ୟାୟ, ନିଷ୍ପକ୍ଷତା, ବୈରାଗ୍ୟ, ଆଧାତ୍ମିକଶକ୍ତି, ଅଜେୟତା, ଉଦାରତା, ସୌନ୍ଦର୍ଯ୍ୟ, ନୃତ୍ୟ, ସଂଗୀତ, ସାଧୁତା, ସତ୍ୟ, ସମସ୍ତ କଳାରେ ନିପୁଣତା ଏବଂ ନିୟନ୍ତ୍ରଣ ଏସବୁ ତାଙ୍କ ଭୂଷଣ । କଳା ରଙ୍ଗ ଯଦି ଏତେ ଅଶୁଭ ତେବେ କଳା ଗାତ୍ର ଧାରୀ କଳାକାହ୍ନୁଙ୍କ ପାଖେ ଏତେ କଳା କିପରି ? ଶାକ୍ତ ଓ ଶକ୍ତିର ପ୍ରତୀକ କଳା । କଳା ମାଁ କାଳୀଙ୍କ ସ୍ୱରୂପ । ଦେବଦେବ ମହାଦେବଙ୍କ ପ୍ରତୀକ ଶିବଲିଙ୍ଗ କଳା । ବିଷ୍ଣୁଙ୍କ ରୂପ ବୋଲି ବିଶ୍ୱାସ କରାଯାଉଥିବା ଶାଳିଗ୍ରାମ କଳା । ଜଗତର ନାଥ ଜଗନ୍ନାଥଙ୍କ ରୂପ ମଧ କଳା । କଳାକୁ କାଳ ମଣୁଥିବା ମଣିଷ ଦରଗଡ଼ା ଦିଅଁଙ୍କୁ ଭକ୍ତିରେ ଡାକେ କାଳିଆ ସାଆନ୍ତ । କଳା ଠାକୁର । ଆତ୍ମବିଭୋର ହୁଏ ଭକ୍ତ କାଳିଆର କଳାବଦନ ଦର୍ଶନ ଲଭି । କଳାମାଣିକ ସମ୍ବୋଧନ କରନ୍ତି ମାତା ଯଶୋଦା ପୁତ୍ର ଶ୍ରୀକୃଷ୍ଣଙ୍କୁ । ଅନ୍ଧକାର ବ୍ରହ୍ମାଣ୍ଡର ଏକମାତ୍ର ସତ୍ୟ । ଯାହା କଳା ଅଟେ । କଳା ସର୍ବଦୈବ ବିଦ୍ୟମାନ । ସୃଷ୍ଟି ସର୍ଜନାରେ, ପାଳନରେ, ପ୍ରଳୟରେ । କଳା ମହାଶୂନ୍ୟ । ମହାଶୁନ୍ୟରୁ ଜଗତର ସୃଷ୍ଟି । ସମସ୍ତ ନକାରାତ୍ମକ ଶକ୍ତି ଅବଶୋଷଣର କ୍ଷମତା ରଖେ କଳା । ଶୀତ ଦିନେ କଳା ବସ୍ତ୍ର ପରିଧାନର ପରାମର୍ଶ ଦିଆଯାଏ । କାରଣ କଳା ନିଜେ ତପେ । ଅନ୍ୟକୁ ତାପ ଦିଏ । ଥଣ୍ଡାରୁ ରକ୍ଷା କରେ । କଳା ଗାଈ ଓ କଳା କୁକୁରକୁ ନିୟମିତ ଖାଇବାକୁ ଦେଲେ ପୁଣ୍ୟଫଳ ମିଳେ ବୋଲି ଶାସ୍ତ୍ର କୁହେ । କୁଆ କଳା । କିନ୍ତୁ ବଡ଼ ଚତୁର । ରାତି ପାହିଲାଣି ରାବେଇ କାଉ, ଉଠ ଉଠ ମଠ ନ କର ଆଉ । ସମସ୍ତେ ଶୁଣିଥିବେ କେବେନା କେବେ । କାହାରି ନା କାହାରି ପାଖିରୁ । ଅନ୍ତତଃ ନିଜ ଜେଜେମାଁଙ୍କ ପାଟିରୁ । ସକାଳର ସଂକେତ ଦେଇ ଜଗତକୁ ନିଦରୁ ଉଠାଇଥାଏ କଳା କାଉ । ବସନ୍ତରେ କୋଇଲିର ମଧୁ ସ୍ୱନ ମନମୋହେ । ବିଷାଦିତକୁ ଆହ୍ଲାଦିତ କରେ । ସିଏ ବି ରୂପରେ କଳା । ହେଲେ ଗୁଣରେ ଅପରୂପ । ତାନରେ ତାନସେନ ତା ତଳେ । ତେବେ ଏତେ କଳାଯୁକ୍ତା କଳା କାଳ ହେବ କିପରି ? ବର୍ଣ୍ଣ ବିଦ୍ୱତ୍ତାର ମାନଦଣ୍ଡ ହୋଇ ନ ପାରେ ।

କୁହାଯାଏ ବ୍ଲେକ ଇଜ ବିଉଟିଫୁଲ । ଯେତେ ଉଚ୍ଚମାନର ରଙ୍ଗୀନ ଟିଭି ଓ ସିନେମା ଉଦ୍ଭାବିତ ହେଲେ ମଧ ବ୍ଲେକ ଏଣ୍ଡ ହ୍ୱାଇଟ ଟିଭି ଓ ସିନେମା ତଳେ । ତାର ମଜା ସଂପୂର୍ଣ୍ଣ ନିଆରା । ବାହାରୁ କଳା ଦିଶୁଥିବା ଟିଭି ପରଦା ଭିତରୁ ବାହାରେ ରଙ୍ଗୀନ ଛବି । କଳା ସର୍ବପୁରାତନ ରଙ୍ଗ । ପ୍ରାକ ଐତିହାସିକ କାଳର ମଣିଷ ଚାରକୋଲ ଓ ମାଙ୍ଗାନିଜ ଅକ୍ସସାଇଡ ମିଶ୍ରଣର କଳା ରଙ୍ଗରେ ଗୁମ୍ଫାରେ ଲେଖୁଥିଲା । ଚିତ୍ର ଆଙ୍କୁଥିଲା । କଳା ଶକ୍ତିର ସନ୍ତକ । ଧନୀକ ୟୁରୋପୀୟ ନିଜକୁ ଅନ୍ୟ ଅପେକ୍ଷା ଶକ୍ତିଶାଳୀ ପ୍ରଦର୍ଶିତ କରିବା ପାଇଁ ଏକଦା କଳା ପରିପାଟୀ ଧାରଣ କରିବା ଆରମ୍ଭ କରିଥିଲେ । ଇଜିପ୍ଟ ନାଇଲ ନଦୀ ଅବବାହିକାର ମୃତ୍ତିକା କୃଷ୍ଣବର୍ଣ୍ଣ । କିନ୍ତୁ ଅତ୍ୟନ୍ତ ଉର୍ବର । ମାର୍ସଲ ଆର୍ଟସ ଯଥା ଜୁଡୋ, କରାଟେରେ ବ୍ଲେକ ବେଲ୍ଟ ରେଙ୍କ ସେହି ଖେଳାଳୀକୁ ମିଳେ ଯିଏ ସମ୍ପୃକ୍ତ କଳାରେ ବିଶେଷ ଜ୍ଞାନ ଲଭିବାରେ ସକ୍ଷମ ହୁଏ । ହାଠାତ ଲୋକପ୍ରିୟତା ହାସଲ କଲେ ତାକୁ ଦି ନ୍ୟୁ ବ୍ଲେକ କୁହାଯାଇଥାଏ । କଳାହାଣ୍ଡିଆ ବାଦଲ ଦେଖି ମୟୂର ନାଚେ । କାରଣ ତାକୁ ଜ୍ଞାତ ବର୍ଷା ଆସନ୍ନ । କୋଇଲା ଦେଖିବାକୁ କଳା । ଯାହା କଳା ହୀରା ଭାବେ ଖ୍ୟାତ । ଅତ୍ୟନ୍ତ ମୂଲ୍ୟବାନ । କଳା ଉତ୍ତମ ଗୁଣର ପରିଚିତି । କେବଳମାତ୍ର ଏକ ରଙ୍ଗ ନୁହେଁ । ନାଟ୍ୟକାର, ଲେଖକ, କବି, ବାଦ୍ୟକାର, ସଙ୍ଗୀତଜ୍ଞ, ଗାୟକ, ଅଭିନେତା / ଅଭିନେତ୍ରୀ, ବକ୍ତା ଇତ୍ୟାଦି ସମସ୍ତେ କଳାଯୁକ୍ତ । କଳାକାର । କଳା ସମସ୍ତଙ୍କୁ ଜଚେ, ମାନେ । ସବୁ ରଙ୍ଗରେ ଫିଟ ବସେ । କଳା ବର୍ଣ୍ଣ କିମ୍ବା ଗୁଣ ହୋଇପାରେ । ଅପିତୁ ଉଭୟ ବିଭୂଦତ୍ତ । ଗାରିମାଯୁକ୍ତ । କେହି କାହାଠୁ ଊଣା ଅଧିକ ନୁହନ୍ତି ।

ରଙ୍ଗ ପ୍ରକୃତିଦତ୍ତ । ବର୍ଣ୍ଣ ବୈଷମ୍ୟ ମନୁଷ୍ୟକୃତ । ଶରୀରରେ ମେଲାଲିନ ପରିମାଣ କମ ରହିଲେ ମଣିଷ ହାଲୁକା ଦେଖାଯାଏ । ଗୋରା ଦିଶେ । ଏହାର ବୃଦ୍ଧି ଘଟିଲେ ମଣିଷ କଳା ଦେଖାଯାଏ । ଥଣ୍ଡା ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଶରୀରରେ ମେଲାଲିନର ପରିମାଣ କମ ଥିବା ଯୋଗୁଁ ସେମାନେ ଦେଖିବାକୁ ସାଧାରଣତଃ ଗୋରା । ଏହାର ବିପରୀତ ସ୍ଥିତିରେ ଶରୀରର ରଙ୍ଗ କଳା ହୁଏ । ଜାତିପ୍ରଥା ଆଦି କୁସଂସ୍କାର ବିକାଶର ବାଧକ । ଜନ୍ମ ଅନୁସାରେ ବର୍ଣ୍ଣ ନିରୂପିତ ହୁଏନାହିଁ । କୁଳୀନ ବ୍ରାହ୍ମଣ ବ୍ରାହ୍ମଣ କର୍ମ ନକଲେ ବ୍ରାହ୍ମଣ ପଦବାଚ୍ୟ ନୁହେଁ । ଗୀତାର ଚତୁର୍ଥ ଅଧ୍ୟାୟର ତ୍ରୟୋଦଶ ଶ୍ଳୋକ କୁହେ 'ଚାତୁର୍ବର୍ଣ୍ୟ ମାୟା ସୃଷ୍ଟଂ ଗୁଣକର୍ମ ବିଭାଗଶଃ' ଅର୍ଥାତ ମଣିଷର ଗୁଣ ଓ କର୍ମ ଅନୁସାରେ ତାର ବର୍ଣ୍ଣାଶ୍ରମ ନିରୂପିତ ହୁଏ । ବର୍ଣ୍ଣଭେଦର ବିରୋଧ ଘରୁ/ସ୍କୁଲରୁ ଆରମ୍ଭ ହେବା ଆବଶ୍ୟକ । ଏହାହିଁ କଳା ଓ କଳା ପ୍ରଭେଦରୁ ମୁକ୍ତିର ବାଟ । ହୃଦୟବାନ କଳା କିମ୍ବା ଗୋରା ହୋଇପାରେ । କିନ୍ତୁ ହୃଦୟହୀନ ସର୍ବଦା କୃଷ୍ଣକାୟ । ସିଏ ଯେତେ ମଧ ଗୌରବର୍ଣ୍ଣ ହୋଇ ଥାଉନା କାହିଁକି ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

## ତ୍ୱଚା ପାଇଁ ବରଦାନ ନଡିଆ ତେଲ

ସବୁଠୁ ସହଜ ଏବଂ ସୁଲଭ ଦରରେ ମିଳୁଥିବା ନଡ଼ିଆ ତେଲରେ ଭରି ରହିଛି ଅନେକ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଉପାଦାନ ।

ନଡିଆ ତେଲ ତ୍ୱଚାକୁ ପ୍ରାକୃତିକ ଉପାୟରେ ମଶ୍ଚରାଇଜ୍ କରି ରଖିବାରେ ସାହାଯ୍ୟ କରେ । ଏହାକୁ ବ୍ୟବହାର କଲେ ସ୍କିନ୍ ଗ୍ଲୋ କରେ । ପ୍ରତିଦିନ ମୁହଁ ଏବଂ ଦେହରେ ଅଳ୍ପ ନଡ଼ିଆ ତେଲ ମସାଜ କଲେ ସ୍କିନ୍ ସଫ୍ଟ ସ୍ମୁଥ୍ ରହିବା ସହ ସ୍କିନଟୋନ୍ ବି ଲାଇଟ୍ ହୋଇଥାଏ ।



ଏହା ତ୍ୱଚାକୁ ପ୍ରଦୂଷଣରୁ ରକ୍ଷା କରେ । ବିଭିନ୍ନ ପ୍ରକାରର ସ୍କିନ୍ ସମସ୍ୟା ଡ୍ରାଏନେସ୍, କୁଣ୍ଡେଇ ହେବା, ଲାଲ ପଡ଼ିବା, ଫଳିଯିବା, ଫାଟିଯିବା ଆଦି ଦୂର କରିବାରେ ଏହା ବେଶ୍ ସାହାଯ୍ୟ କରେ ।

ସାମାନ୍ୟ ଉଷୁମ ନଡ଼ିଆ ତେଲକୁ ଅଙ୍ଗୁଳି ଟିପ ସାହାଯ୍ୟରେ କେଶ ମୂଳରେ ଲଗାଇ ଭଲ ଭାବେ ମସାଜ କଲେ ଉକ୍ତ ସ୍ଥାନରେ ରକ୍ତ ସଞ୍ଚାଳନ ଭଲ ହେବା ସହ ନଡ଼ିଆ ତେଲରେ ଥିବା ଉପକାରୀ ଗୁଣ କେଶକୁ ମଜଭୁତ କଳା ଏବଂ ଘନ ରଖିବାରେ ବେଶ୍ ସାହାଯ୍ୟ କରିଥାଏ ।

ଯଦି ତ୍ୱଚାରେ ବ୍ଲାକ୍ କିମ୍ବା ହ୍ୱାଇଟ୍ କିମ୍ବା ବ୍ଲାକ୍ ହେଡ୍ ସମସ୍ୟା ରହିଛି ଏବଂ ସ୍କ୍ରବିଂ ପାଇଁ ମାର୍କେଟରୁ ବିଭିନ୍ନ ସ୍କ୍ରବର ଆଣିବାକୁ ପଡୁଛି, ତେବେ ଆପଣ ଜାଣିଲେ ଖୁସି ହେବେ ଯେ ନଡିଆ ତେଲରେ ଅଳ୍ପ ଚିନି ମିଶାଇ ସ୍କ୍ରବ୍ କଲେ ଅଧିକ ଉପକୃତ ହେବେ । ଏହା ନା କେବଳ ଆପଣଙ୍କ ଉକ୍ତ ସମସ୍ୟା ଦୂର କରିବ ବରଂ ତ୍ୱଚାରେ ଉଜ୍ୱଳତା ମଧ ବଢ଼ାଇବ ।

ମେକ୍ଅପ୍ ନେବା ଅଧିକାଂଶ ମହିଳାଙ୍କୁ ପସନ୍ଦ, ହେଲେ ଏହାକୁ ଠିକ୍ ଭାବେ ଛଡ଼ାଇବା ଏତେ ସହଜ ନୁହେଁ । କାରଣ ଭଲ ଭାବେ ଏସବୁ ପ୍ରଡକ୍ଟ ମୁହଁରୁ ନ ଛାଡିଲେ ପରବର୍ତ୍ତୀ ସମୟରେ ବ୍ରଣ, ଦାଗ ଆଦି ସମସ୍ୟା ସୃଷ୍ଟି କରିଥାଏ । ତେଣୁ ଏଥିପାଇଁ ମାର୍କେଟରେ ମିଳୁଥିବା ବିଭିନ୍ନ ମେକ୍ଅପ୍ ରିମୁଭର ପରିବର୍ତ୍ତେ ନଡିଆ ତେଲକୁ ବ୍ୟବହାର କରିପାରିବେ । ମୁହଁରେ ନଡିଆ ତେଲ ଲଗାଇ ଧୀରେ ଧୀରେ ଘଷି ତୁଳାରେ ପୋଛିଦେଲେ ମେକ୍ଅପ୍ ସହଜରେ ଛାଡିଯିବ ଏବଂ ସ୍କିନ୍ ଭଲ ରହିବ ।

## ଡାଇବେଟିସ୍‌ର କାରଣ ହୋଇପାରେ ଧୂମପାନ

ଧୂମପାନ ଏଭଳି ଏକ ଅଭ୍ୟାସ ଯାହା ସାମୟିକ ଆନନ୍ଦ ଦେଲେ ମଧ ପରୋକ୍ଷରେ କେତେକ ପ୍ରମୁଖ ରୋଗର କାରଣ ସାଜିଥାଏ । ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ନିୟମିତ ଧୂମପାନ କରୁଥିବା ବ୍ୟକ୍ତି ଭବିଷ୍ୟତରେ ଡାଇବେଟିସ୍ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ । ଏହି ସର୍ଭେ ପରିସରଭୁକ୍ତ କେତେକ ବ୍ୟକ୍ତିଙ୍କଠାରେ ସେମାନେ ଏଭଳି ଲକ୍ଷଣ ଦେଖିବାକୁ ପାଇଥିଲେ । ପ୍ରଥମ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତିର ଶରୀରକୁ ଯାଏ । ଦ୍ୱିତୀୟ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତି ବାହାରକୁ ଛାଡ଼ିଥାଏ । ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ସମସ୍ତ ପ୍ରକାର ହୃଦ୍ ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ । ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ । ତମାଖୁର ସୂକ୍ଷ୍ମ କଣିକା ଶରୀର ମଧକୁ ଯାଇ ନିମୋନିଆ, ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ । ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧରେ ଅନେକ ଉନ୍ନତି ମିଳିଥାଏ ।

## ଆଜିର ଚିନ୍ତନ

- ନିଦ ବି ବଡ ଅଜବ... ଆସିଲେ ସବୁକିଛି ଭୁଲେଇଦିଏ, ଆଉ ନ ଆସିଲେ ସବୁକିଛି ମନେ ପକେଇ ଦିଏ । କିଛି ହଜି ଗଲେ ଯେତିକି କଷ୍ଟ ହୁଏନି ତାଠାରୁ ଶହେ ଗୁଣ ଅଧିକ କଷ୍ଟ ହୁଏ, କେହି ଜଣେ ବଦଳି ଗଲେ । ସମ୍ପର୍କ ତ ଭାଙ୍ଗିବା ଉଚିତ୍ ନୁହେଁ କିନ୍ତୁ ଯେଉଁଥିରେ ତୁମର କିଛି ମୂଲ୍ୟ ରହୁନି ସେହିଭଳି ସମ୍ପର୍କ ରହିବା ଅନୁଚିତ ।
- ଜୀବନରେ କେବେ କାହାର ବିବାହ ଭୋଜିର ଅପମାନ କରିବେ ନାହିଁ, କାରଣ ଗୋଟିଏ ବାପାଙ୍କୁ ବର୍ଷ ବର୍ଷ ଲାଗିଯାଏ ସେହି ଗୋଟିଏ ଦିନର ଭୋଜି ଦେବାପାଇଁ ।
- ତା ହାତ କେବେ ଛାଡନି ଯାହାର ସମୟ ଖରାପ ହାତ ଛାଡି ଦିଅ ଯାହାର ଉଦ୍ଦେଶ୍ୟ ଖରାପ । ଜୀବନଟା କେବେ ଅମା ଅନ୍ଧକାର କେବେ ଯେ ପୁନେଇଁ ଜହ୍ନ, ସୁଖରେ ଦୁଃଖରେ ବଞ୍ଚି ଯେ ଶିଖିଛି ଅଟଇ ବିଜ୍ଞଜନ । ମଣିଷ ଯେତେବେଳେ ମିଛ ସପନ ଆଉ ଲାଳସା ଭିତରେ ଥାଏ ସେତେବେଳେ ମନେ କରେ ଜୀବନଟା ବହୁତ ସହଜ ଆଉ ଯେତେବେଳେ ବାସ୍ତବତାରେ ସାମ୍ନା ସାମ୍ନି ଛିଡ଼ା ହୁଏ ସେତେବେଳେ ବୁଝିପାରେ ଜୀବନଟା କେତେ କଠିନ ।
- ଏ ଦୁନିଆର ସବୁଠୁ ମହଙ୍ଗା ଉପହାର ହେଉଛି ଭଲ ଜୀବନ ସାଥି, ଯାହା ମୂଲ୍ୟରେ ନୁହେଁ ଭାଗ୍ୟରେ ଥିଲେ ମିଳେ । କିଛି ସମୟ ବୃଦ୍ଧ ଲୋକଙ୍କ ସହିତ ବସିଯାଅ..... କାରଣ ସବୁ ଜିନିଷ ଗୁଗୁଲ୍‌ରେ ମିଳି ନ ଥାଏ । ସଂସାର ମଧରେ ଶ୍ରମିକ ସବୁଠାରୁ ଅଧିକ ସମ୍ମାନସ୍ପଦ ବ୍ୟକ୍ତି । ଯେଉଁ ଲୋକ ପରିଶ୍ରମ କରେ ନାହିଁ, ସେ ହେଉଛି ବଡ ଅପରାଧୀ । କର୍ମ ହିଁ ଜୀବନକୁ ପ୍ରକୃତ ଶକ୍ତି ଦିଏ – କର୍ମକୁଣ୍ଠା ହେଉଛି ଜୀବନର ଦୁର୍ବଳତା ।
- କର୍ମ ଉପରେ ଆମର ଅକ୍ତିଆର ଅଛି, – ପରିଣାମ ତ ଭଗବାନଙ୍କ ହାତରେ । ତେଣୁ ଫଳର ଆଶା ନ ରଖି କର୍ମ କରି ଚାଲନ୍ତୁ ସୁଫଳ ନିଶ୍ଚୟ ମିଳିବ ଏଥିରେ ଟିକେ ହେଲେ ସନ୍ଦେହ ନାହିଁ । ଅଳ୍ପ ଅଳ୍ପ ପରାମର୍ଶ ସୁଲୁସୁଲିଆ ପବନ ଭଳି କାମ କରେ ଗୁଡାଏ ପରାମର୍ଶ ବାତ୍ୟା ସଙ୍ଗେ ସମାନ ।
- ଯେଉଁ ଲୋକ କେବେହେଲେ ବିପଦର ସମ୍ମୁଖୀନ ହୋଇ ନାହିଁ, ସେ ପ୍ରକୃତ ଅର୍ଥରେ ଦୁଃଖୀ.. ! କାରଣ ଜୀବନର ସ୍ୱାଦ ସେ ଚାଖିପାରି ନାହିଁ । ସମସ୍ତଙ୍କ ସହିତ ମିଳିମିଶି ଚଳିବାର ଗୁଣ ଯିଏ ହାସଲ କରିଛି, ତା'ଠାରୁ ବଳି ସୁଖୀ ଆଉ ଏ ସଂସାର ରେ କେହି ନାହାଁନ୍ତି । କ୍ରୋଧ ଏଭଳି ଏକ ଅସ୍ତ୍ର ଯେ, ତାହା ଶତ୍ରୁର ଯେତେ ଅନିଷ୍ଟ ନ କରେ ନିଜର ତାଠାରୁ ଅଧିକ ଅନିଷ୍ଟ କରେ । ବିପଦ ଆସୁଛି ବୋଲି ଯିଏ ନିଜକୁ ଭୟଭୀତ ମନେ କରି ଲୁଚି ଯିବାକୁ ଚେଷ୍ଟା କରୁଥାଏ, ସେ ବିପଦର କୁଫଳ ଦୁଇଥର ଭୋଗ କରିବାକୁ ବାଧ ହୁଏ । ତେଣୁ ବିପଦକୁ ଭୟ ନ କରି ଛାତି ଦେଖେଇ ସାମ୍ନା କରିବା ଆବଶ୍ୟକ ।
- ଯଦି ତୁମର ଜ୍ଞାନ ଲାଭ ପାଇଁ ପିପାସା ରହିଛି, ତା' ହେଲେ ପରିଶ୍ରମ କର । ଯଦି ଭୋଜନ କରିବା ପାଇଁ ଆକାଂକ୍ଷା ରହିଛି ତା'ହେଲେ ମଧ ପରିଶ୍ରମ କର । ଯଦି ତୁମେ ଆନନ୍ଦର ଅଭିଳାଷୀ ତେବେ ବି ପରିଶ୍ରମ କର । ପୁରୁଷାର୍ଥ ହିଁ ହେଉଛି ପ୍ରକୃତିର ନିୟମ ।

ବର୍ଷ ୨୯, ସଂଖ୍ୟା - ୩୧, ୩ - ୯ ଅଗଷ୍ଟ ୨୦୨୫

# ଜାତି ଓ ରାଜନୀତି


**ଆ**ର୍ଯ୍ୟମାନେ ଭାରତବର୍ଷରେ ପ୍ରଥମ ବସତି ସ୍ଥାପନ କରିବା ସମୟରେ ସେମାନଙ୍କ ମଧରେ ଜାତିଭେଦ ନଥିବାରୁ ଶାନ୍ତିଶୃଙ୍ଖଳାରେ ଜୀବନ ବିତାଉଥିଲେ । ପରେ ବ୍ୟାବସାୟିକ ଭିତ୍ତିରେ ଜାତିର ସୃଷ୍ଟି କରାଗଲା । ଯେଉଁମାନେ ବିଦ୍ୱାନ ହୋଇ ଧର୍ମ ବା ପୁରୋହିତ କାର୍ଯ୍ୟ ତଥା ଠାକୁର ପୂଜାରେ ନିମଗ୍ନ ରହିଲେ ସେମାନେ ହେଲେ ବ୍ରାହ୍ମଣ । ଯେଉଁମାନେ ଯୁଦ୍ଧ ବିଦ୍ୟାରେ ପାରଙ୍ଗମ ହୋଇ ଦେଶର ସୁରକ୍ଷା ବହନ କଲେ ସେମାନେ ହେଲେ କ୍ଷତ୍ରିୟ । ଯେଉଁମାନେ ମନୁଷ୍ୟ ସମାଜକୁ ଖାଦ୍ୟ ଯୋଗାଇବା ପାଇଁ ଚାଷ ଓ ଆନୁଷଙ୍ଗିକ କାର୍ଯ୍ୟ କଲେ ସେମାନେ ହେଲେ ବୈଶ୍ୟ । ଉପରୋକ୍ତ ତିନି ଜାତିର ଯେଉଁମାନେ ସେବକ ଭାବେ ସେବା ଯୋଗାଇଲେ ସେମାନଙ୍କୁ କୁହାଗଲା ଶୂଦ୍ର । ପରେ ପରେ ପରସ୍ପର ବୈବାହିକ ସମ୍ପର୍କ ଛିନ୍ନ କରି ଜାତିଭେଦ ନିୟମରେ ପରିଚାଳିତ ହୋଇ ଝଗଡ଼ାରେ ବ୍ୟାପୃତ ହେଲେ ଏବଂ କାଳକ୍ରମେ ଉଚ୍ଚ ଜାତିର ଲୋକମାନେ ଶୂଦ୍ରମାନଙ୍କୁ ଅସ୍ପୃଶ୍ୟ ଜାତି ଭାବରେ ବିବେଚିତ କରି ହେୟଜ୍ଞାନ କଲେ ଏବଂ ସମୟେ ସମୟେ ନିର୍ଯ୍ୟାତିତ କଲେ । ଫଳରେ ଅନେକ ଲୋକ ମୁସଲମାନ ଧର୍ମରେ ଦୀକ୍ଷିତ ହେଲେ । ଏପରି ନିଜ ନିଜ ମଧରେ ଝଗଡ଼ା ତଥା ଘୃଣାଭାବ ହେତୁ ବିଦେଶୀ ଶକ୍ତି ବିରୁଦ୍ଧରେ ଏକାଠି ହୋଇ ଲଢ଼ି ନ ପାରିବାରୁ ଦେଶ ପରାଧୀନ ହେଲା । ଫଳରେ ବ୍ୟବସାୟ କରିବାକୁ ଆସିଥିବା ଫରାସୀମାନେ ଭାରତୀୟଙ୍କୁ ଶାସନ କରିବା ଆରମ୍ଭ କରି ଭାରତୀୟଙ୍କୁ କ୍ରୀତଦାସ ଭାବେ ବ୍ୟବହାର କଲେ ।

ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସମସ୍ତ ଜାତି ପୁଣି ଏକଜୁଟ ହୋଇ ବ୍ରିଟିଶ ସରକାର ବିରୁଦ୍ଧରେ ଲଢ଼େଇ କରି ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନ ଭାରତକୁ ଫେରିପାଇଲେ । ସ୍ୱାଧୀନ ଭାରତରେ ସମସ୍ତଙ୍କୁ ସମାନ ଅଧିକାର ଦିଆଗଲା । କେବଳ ହରିଜନ ଓ ଆଦିବାସୀମାନେ ସମାଜରେ ଅସ୍ପୃଶ୍ୟ ନିତାନ୍ତ ଦରିଦ୍ର ଲୋକ ହେତୁ ମର୍ଯ୍ୟାଦା ସହକାରେ ସେମାନଙ୍କୁ ଭାଗୀଦାର କରିବାକୁ ଲୋକସଭା ଓ ବିଧାନସଭାରେ ୧୦ ବର୍ଷ ପାଇଁ ସ୍ଥାନ ସଂରକ୍ଷଣ କରାଗଲା । ଜମିଦାରୀ ଉଚ୍ଛେଦ ତଥା ଜମିଜମା ସଂସ୍କାର ଜରିଆରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ଓ ପଞ୍ଚବାର୍ଷିକ ଯୋଜନାରେ ଜଳସେଚନ ସମେତ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମରେ ଜାତି, ବର୍ଣ୍ଣ ନିର୍ବିଶେଷରେ ସାମୂହିକ ଆର୍ଥିକ ବିକାଶ ଭିତ୍ତିରେ ବିଭିନ୍ନ ରାଜନୈତିକ ଦଳ ୧୯୫୨ ଓ ୧୯୫୭ ମସିହାରେ ନିର୍ବାଚନ ଲଢ଼ି କେନ୍ଦ୍ର ଓ ରାଜ୍ୟରେ ସରକାରମାନ ପ୍ରତିଷ୍ଠା କଲେ । ପରେ ୧୯୬୨ ମସିହାରେ ଉତ୍ତର ପ୍ରଦେଶର ବିଶିଷ୍ଟ ସମାଜବାଦୀ ନେତା ଡକ୍ଟର ରାମ ମନୋହର ଲୋହିଆଜୀ ପଛୁଆ ଜାତିଙ୍କର କ୍ଷିପ୍ର ଆର୍ଥିକ ବିକାଶ ପାଇଁ ସେମାନଙ୍କୁ ଏକଜୁଟ କରି ନିର୍ବାଚନ ଲଢ଼ିଲେ । ତାଙ୍କର ମୁକାବିଲା କରିବା ପାଇଁ କଂଗ୍ରେସ ନେତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀ ଉତ୍ତର ପ୍ରଦେଶରେ ୧୯୭୧ ମସିହାରେ ବ୍ରାହ୍ମଣ, ମୁସଲ୍‌ମାନ ଓ ନିମ୍ନବର୍ଗକୁ ଏକଜୁଟ କଲେ । ବିହାର ତଥା ଅନ୍ୟ କେତେକ ରାଜ୍ୟକୁ ଉକ୍ତ ଜାତିଭିତ୍ତିକ ରାଜନୀତି ମଧ ସଂକ୍ରମିତ ହୋଇଥିଲା । ୧୯୮୫ ମସିହାରେ ଗୁଜରାଟରେ କ୍ଷମତାଶାଳୀ ପଟେଲ୍ ଜାତିର ଚାଷୀମାନଙ୍କର ମୁକାବିଲା କରିବା ପାଇଁ କଂଗ୍ରେସ ନେତା ମାଧବସିଂ ସୋଲାଙ୍କି କ୍ଷତ୍ରିୟ ହରିଜନ, ଆଦିବାସୀ ଓ ମୁସଲମାନମାନଙ୍କୁ ଏକଜୁଟ କରି ନିର୍ବାଚନ ଲଢ଼ି ମୁଖ୍ୟମନ୍ତ୍ରୀ ହେଲେ ସତ ; କିନ୍ତୁ ପରିଣାମ ସ୍ୱରୂପ ଗୁଜରାଟରେ ଶାନ୍ତିଶୃଙ୍ଖଳା ଗୁରୁତର ଭାବରେ ବ୍ୟାହତ ହୋଇ ଧନଜୀବନ ନଷ୍ଟ ହେବାରୁ ସୋଲାଙ୍କିଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ବିଦାୟ ନେବାକୁ ପଡ଼ିଲା ।

ଏହିପରି ଭାବରେ ନେତାମାନେ ନିଜର ଫାଇଦା ଉଠାଇବାକୁ ଲୋକଙ୍କ ମଧରେ ଜାତିଆଣ ଭେଦଭାବ ସୃଷ୍ଟି କରାଇଛନ୍ତି । କେବଳ ଓଡ଼ିଶା, ପଶ୍ଚିମବଙ୍ଗ ଓ ଆସାମ ପ୍ରଭୃତି ପୂର୍ବାଞ୍ଚଳ ରାଜ୍ୟରେ ଜାତିଭିତ୍ତିକ ରାଜନୀତି ଦେଖାଯାଇନାହିଁ । ଓଡ଼ିଶା ସମେତ ବହୁତ ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଚାକିରିରେ ସ୍ଥାନ ସଂରକ୍ଷଣ କରାଗଲା ଓ ଚାକିରିରେ ପଦୋନ୍ନତି କ୍ଷେତ୍ରରେ ୧୯୭୪ ମସିହାରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଫଳରେ ଅନ୍ୟ ଚାକିରିଆମାନଙ୍କର ଗାତ୍ରଦାହ ହେବା ଆରମ୍ଭ ହୋଇ ଶାସନରେ କିଛି ପରିମାଣରେ ଶିଥିଳତା ଦେଖାଦେଇଛି ।

୧୯୭୧ ମସିହାରେ ଗରିବୀ ହଟାଅ କାର୍ଯ୍ୟକ୍ରମ ଭିତ୍ତିରେ ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ କ୍ଷମତାସୀନ ହେବା ସଙ୍ଗେ ସଙ୍ଗେ ୧୯୭୭ ମସିହାରେ ଜରୁରୀକାଳୀନ ଅତ୍ୟାଚାର ଭିତ୍ତିରେ କ୍ଷମତାରୁ ଅପସରି ଯାଇଥିଲେ । ସେହିପରି ଜନତା ପାର୍ଟିର ଅନ୍ତରେ ଏହାର ନେତାମାନେ ଶାସନ କରିପାରିବେ ନାହିଁ ବୋଲି ଭାବି ପୁନଶ୍ଚ ଜନସାଧାରଣ ୧୯୮୦ ମସିହାରେ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସକୁ କ୍ଷମତାରୂଢ଼ କଲେ । ୧୯୮୪ ମସିହାରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନିର୍ମମ ହତ୍ୟାରେ ଲୋକେ ବିଚଳିତ ହୋଇ ତାଙ୍କର ଜ୍ୟେଷ୍ଠପୁତ୍ର ରାଜୀବ ଗାନ୍ଧୀଙ୍କ ନେତୃତ୍ୱରେ ପୁନଶ୍ଚ କଂଗ୍ରେସ(ଇ)କୁ ଅନୁକମ୍ପା ମୂଳକ ଭୋଟଦେଇ କ୍ଷମତାସୀନ କଲେ । ଫଳରେ ରାଜୀବ ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେଲେ । ୧୯୮୯ ମସିହାରେ କେତେକ ରାଜ୍ୟରେ କଂଗ୍ରେସ ନେତାଙ୍କ କୁଶାସନ ତଥା ଦୁର୍ନୀତି ବିରୁଦ୍ଧରେ ଲୋକମାନେ ଭୋଟଦେଇ ସଂଖ୍ୟାଲଘୁ ଜନତା ଦଳକୁ କେନ୍ଦ୍ରରେ ଶାସନଭାର ଦେଲେ । ଏଣୁ ଉକ୍ତ ଘଟଣାମାନଙ୍କରୁ ଜଣାଯାଇଛି ଯେ, ବିଭିନ୍ନ ରାଜନୈତିକ ଦଳର ଲୋକମାନଙ୍କ ଜାତିଆଣ ଭେଦଭାବ ସାମୂହିକ ଭାବରେ କିଛି ନିର୍ବାଚନ ଫାଇଦା ଦେଇଥାଇପାରେ । କିନ୍ତୁ ମୁଖ୍ୟତଃ ଅର୍ଥନୈତିକ କାର୍ଯ୍ୟକ୍ରମ ଓ ଶାସନର ବିଫଳତା ଭିତ୍ତିରେ ଜନସାଧାରଣ ନିଷ୍ପତ୍ତିମୂଳକ ଭୋଟଦେଇ ରାଜନୈତିକ ଦଳଙ୍କୁ କ୍ଷମତାସୀନ କରାଇଛନ୍ତି । ପରନ୍ତୁ ୧୯୭୧ମସିହାରେ ଗରିବୀ ହଟାଅ କାର୍ଯ୍ୟକ୍ରମ ଅନୁଯାୟୀ ଆଦିବାସୀ, କ୍ଷୁଦ୍ର ତଥା ନାମମାତ୍ର ଚାଷୀ ଉନ୍ନୟନ ସଂସ୍ଥା, ୧୯୭୭ ମସିହାରେ ଅନ୍ତୋଦୟ କାର୍ଯ୍ୟକ୍ରମ ଓ ୧୯୮୦ ମସିହାରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ସମସ୍ତ ଜାତିର ଗରିବ ଲୋକଙ୍କ ଆର୍ଥିକ ବିକାଶ କିଛି ପରିମାଣରେ କାର୍ଯ୍ୟକାରୀ ହୋଇପାରିଛି । ତଥାପି ୪୭ ବର୍ଷ ତଳର ପୁରୁଣା ମଣ୍ଡଳ କମିସନଙ୍କ ରିପୋର୍ଟ ଭିତ୍ତିରେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂ ନିର୍ବାଚନ ପ୍ରତିଶ୍ରୁତି ପାଳନ ଆଳରେ ତରବରିଆ ଭାବରେ ପଛୁଆ ଜାତି ଚାକିରି ସଂରକ୍ଷଣ ନୀତି ଘୋଷଣା କରିବା ଦ୍ୱାରା ଦେଶରେ ଆନ୍ଦୋଳନକୁ ଉସୁକାଇବାରେ ସାହାଯ୍ୟ କରିଥିଲେ କହିଲେ ଚଳେ । ପଞ୍ଜାବ, ଆସାମ, ଜାମ୍ମୁ କାଶ୍ମୀର ପ୍ରଭୃତି ଦେଶରେ ବିଚ୍ଛିନ୍ନତା ଆନ୍ଦୋଳନ ମୁଣ୍ଡଟେକି ଦେଶର ସଂହତିରେ ବାଧକ ହେଲାଣି । ଶାସନରେ ଦୁର୍ନୀତି ଭ୍ରଷ୍ଟାଚାରର ଅବସାନ ହୋଇନାହିଁ । ମହାତ୍ମା ଗାନ୍ଧୀଙ୍କ ନୈତିକ ନେତୃତ୍ୱ ବଳରେ ରାଜନୈତିକ ନେତାମାନେ ଭୋଟରମାନଙ୍କୁ "ହାତୀ ନେ, ଘୋଡ଼ା ନେ, ମୋ ପେଁକାଳି ବଜାଇ ଦେ' ନୀତିରେ ଶସ୍ତା ସ୍ଲୋଗାନମାନ ଦେଇ କୌଣସି ଉପାୟରେ ନିର୍ବାଚନ ବୈତରଣୀ ପାର ହୋଇ କ୍ଷମତା ଦଖଲ କରୁଛନ୍ତି । କିନ୍ତୁ 'ହାତରେ ନାହିଁ ଧନ ପୁଅ ବାହା କରିବାକୁ ମନ ଭିତ୍ତିରେ ରାଜକୋଷରେ ଅର୍ଥ ନଥାଉ ପଛକେ ଲୋକଙ୍କ କୃଷି ଉତ୍ପାଦନ ବଢ଼ାଇବା ପାଇଁ ପରାମର୍ଶ ନଦେଇ ବେକାରୀ ଭତ୍ତା, କୃଷିରଣ ଛାଡ଼ ପ୍ରଭୃତି ଦାନ ଖଇରାତ ଦେବାକୁ କହି ଏବେ କିଛି ପୂରଣ କରିପାରୁ ନ ଥିବାରୁ ଜନ ଅସନ୍ତୋଷ ଜୋର୍‌ରେ ବଢ଼ିଚାଲିଛି । ଦରଦାମ ବୃଦ୍ଧିରେ ଲୋକେ ଅତିଷ୍ଠ ହେଲେଣି । ଜନତା ଦଳ ସରକାର ଲୋକଙ୍କ ପାଇଁ ଆଖିଦୃଶିଆ ବିକାଶ କାର୍ଯ୍ୟକ୍ରମ କିଛି କରିପାରିଲେ ନାହିଁ । ଯଦି ପଛୁଆ ଜାତିର ଚାକିରି ସଂରକ୍ଷଣ ହୋଇଗଲେ ସେମାନଙ୍କ ସାମୂହିକ ଉନ୍ନତି ତ୍ୱରାନ୍ୱିତ ହୋଇପାରିବ ତା'ହେଲେ ମନ୍ତ୍ରୀମଣ୍ଡଳ ସଂଖ୍ୟାରେ ସଂରକ୍ଷଣ ବ୍ୟବସ୍ଥା, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ସ୍ତରରେ ପର୍ଯ୍ୟାୟ କ୍ରମେ ଜାତିଭିତ୍ତିରେ ସଂରକ୍ଷଣ ବ୍ୟବସ୍ଥା ହୋଇପାରିଲେ ଅନୁସୂଚିତ ଜାତି-ଜନଜାତି ଓ ପଛୁଆ ବର୍ଗଙ୍କର ଆର୍ଥିକ ବିକାଶ ଆହୁରି କ୍ଷିପ୍ର ହୋଇପାରିବ । ଆମ ପ୍ରଧାନମନ୍ତ୍ରୀ ଏହି ବ୍ୟବସ୍ଥା କରିପାରିବେ କି ? ମୂଳରୁ ତ ଚାକିରି ନାହିଁ, ଏ ସଂରକ୍ଷଣ ପ୍ରହସନ କାହିଁକି ? ଏହା ବେକାରମାନଙ୍କୁ ଅଯଥାରେ ଉତ୍ତେଜିତ କରୁଛି । ଏଣୁ ସମସ୍ତ ଅନୁସୂଚିତ ଜାତି-ଜନଜାତି ଓ ପଛୁଆ ବର୍ଗ ଜାତି ଓ ବିଭିନ୍ନ ଉପଜାତିର ଲୋକସଂଖ୍ୟା ତଥା ଆର୍ଥିକ ମାନଦଣ୍ଡ ଭିତ୍ତିରେ ଚାକିରି ସଂରକ୍ଷଣ ହେବା ଉଚିତ୍ ।

ଜାତି, ବର୍ଣ୍ଣ ନିର୍ବିଶେଷରେ କମ୍ୟୁନିଷ୍ଟ ଦେଶ ଚୀନ୍ ପରି ଶାସକମାନେ ସମସ୍ତଙ୍କୁ କର୍ମଯୋଗାଇ ଉତ୍ପାଦନ ବୃଦ୍ଧି କରିପାରିଲେ ଭାରତର ସମସ୍ତେ ସୁଖୀ ହୋଇପାରିବେ । ରାଜନୈତିକ ନେତାମାନେ ଦୃଢ଼ ତଥା ନିର୍ମଳ ପ୍ରଶାସନ ଜରିଆରେ ଆର୍ଥିକ ଯୋଜନାମାନ ସଫଳ ରୂପାୟନ କରିପାରିଲେ ଦେଶବାସୀଙ୍କର ବିକାଶ ହେବ ଏବଂ ଚାକିରି ସଂରକ୍ଷଣର ଆଉ ଆବଶ୍ୟକତା ପଡ଼ିବ ନାହିଁ । ଭାରତବର୍ଷର ଭୋଟରମାନେ ଜାତି ବିଭେଦକାରୀ ଶସ୍ତା ରାଜନୀତିରେ ବିଶ୍ୱାସ ସ୍ଥାପନ କରି ରାଜନୈତିକ ଦଳ ବା ନେତାଙ୍କୁ କ୍ଷମତାପନ୍ନ କରିବେ ନାହିଁ ବୋଲି ଅତୀତ ଅଭିଜ୍ଞତାରୁ ପ୍ରମାଣ ହୋଇସାରିଛି ; ବରଂ ଗଣତନ୍ତ୍ର ଶାସନରୁ ଦୁର୍ଗତି, ଭ୍ରଷ୍ଟାଚାର ଲୋପ ନପାଇଲେ ଲୋକମାନଙ୍କର ଆସ୍ଥା ତୁଟିଯିବ ଏବଂ ସେମାନେ ଅନ୍ୟ ପନ୍ଥା ଧରିବାକୁ ବାଧ ହେବେ । କ୍ଷମତାଲୋଭୀ ରାଜନେତା ଆଉ ଜାତି ସଂଘର୍ଷ ସୃଷ୍ଟି ନକରି ଦେଶକୁ ପୁନର୍ବାର ପରାଧୀନ ହେବାପାଇଁ ଚେଷ୍ଟାରୁ ନିବୃତ୍ତ ରହିବା ଉଚିତ । ଭବିଷ୍ୟତରେ ଯେପରି ଜାତିକୁ ନେଇ ରାଜନୀତି ଦେଖା ନଦେବ, ସେ ବିଷୟରେ ଶାସନ କରୁଥିବା ଶାସକ ଦଳର କାର୍ଯ୍ୟକଳାପ ନିଷ୍ଠାଯୁକ୍ତ ଓ ଲୋକାଭିମୁଖୀ ହେବା ଦରକାର ।



## ସମ୍ପତ୍ତିର ଅର୍ଜନ

### ମହାତ୍ମା ଗାନ୍ଧୀ

**ବ**ର୍ତ୍ତମାନ ଯେଉଁମାନଙ୍କ ପାଖରେ ପଇସା ରହିଛି, ସେମାନଙ୍କୁ ଟ୍ରଷ୍ଟୀ ଆଚରଣ କରିବା ନିମନ୍ତେ କୁହାଯାଇଛି । ଆପଣାର ଧନ ସମ୍ପତ୍ତିକୁ ଗରିବମାନଙ୍କର ମାରଫତଦାର ରୂପେ ନିଜ ପାଖରେ ରଖିବାକୁ କୁହାଯାଉଛି । ଆଇନ ଦୃଷ୍ଟିରୁ ଏହି ଟ୍ରଷ୍ଟୀବ୍ୟବସ୍ଥା କେବଳ ଏକ କଳ୍ପନା ବୋଲି ତୁମେ କହିପାର । ମାତ୍ର ଯଦି ଲୋକମାନେ ଏଇ ବିଷୟରେ ସତତ ଚିନ୍ତା କରିବେ ଏବଂ ସେହି ଅନୁସାରେ କାର୍ଯ୍ୟ କରିବେ, ତେବେ ବର୍ତ୍ତମାନ ତୁଳନାରେ ଅନେକ ଅଧିକ ପରିମାଣରେ ଏହି ପୃଥିବୀ ପ୍ରେମ ଦ୍ୱାରା ହିଁ ପରିଚାଳିତ ହେବ । ସମ୍ପୂର୍ଣ୍ଣ ଟ୍ରଷ୍ଟୀ ବ୍ୟବସ୍ଥା ଗୋଟିଏ ବିନ୍ଦୁ ବିଷୟରେ ଏହି ପୃଥିବୀ ପ୍ରେମ ଦ୍ୱାରା ହିଁ ପରିଚାଳିତ ହେବ । ସମ୍ପୂର୍ଣ୍ଣ ଟ୍ରଷ୍ଟୀବ୍ୟବସ୍ଥା ଗୋଟିଏ ବିନ୍ଦୁ ବିଷୟରେ ଇଉକ୍ଲିଡଙ୍କର ସଂଜ୍ଞାପରି ଏକ କପୋଳକଳ୍ପନା ଏବଂ ସେହି କାରଣରୁ ତାହାକୁ ସେହିପରି ଆଦୌ ହାସଲ କରି ହେବ ନାହିଁ । ମାତ୍ର ଯଦି ଆମେ ଏଥିପାଇଁ ଉଦ୍ୟମ କରିବା, ତେବେ ଏକ ସମାନତାର ସ୍ଥିତିକୁ ସମ୍ଭବ କରିବା ଦିଗରେ ଆମେ ପ୍ରକୃତରେ ଏତେ ଆଗକୁ ଯାଇ ପାରିବା, ଯାହାକି ପୃଥିବୀରେ ଆଉ ଅନ୍ୟ କୌଣସି ଉପାୟ ଦ୍ୱାରା ସମ୍ଭବ ହୋଇ ପାରିବ ନାହିଁ ।

ମୋ'ର ଦୃଢ଼ ବିଶ୍ୱାସ ଯେ, ସଚେତନତାରେ କୌଣସି ମନ୍ଦ କାର୍ଯ୍ୟ ନ କରି ସମ୍ପତ୍ତି ଅର୍ଜନ କରିବା ଅବଶ୍ୟ ସମ୍ଭବ ହେବ । ଉଦାହରଣ ସ୍ୱରୂପ, ମୋ' ନିଜ ଜମିରେ ମୁଁ ହୁଏତ ଗୋଟିଏ ସୁନାଖଣି ଆବିଷ୍କାର କରି ପାରିବି । ମାତ୍ର, ମୁଁ ସେହି ସତ୍ୟଟିକୁ ଅବଶ୍ୟ ସ୍ୱୀକାର କରୁଛି ଯେ, ଧନ ସମ୍ପତ୍ତିର ମାଲିକ ନ ହୋଇ ତାହାର ବାସନା ନରଖିବା ଏବଂ ତାହାର ମାରଫତଦାର ହୋଇ ରହିବା ହେଉଛି ସୁନିଶ୍ଚିତ ଭାବରେ ଅଧିକ ଭଲ । ମୁଁ ବହୁ ପୂର୍ବରୁ ମୋ'ର ସକଳ ସମ୍ପତ୍ତିକୁ ପରିହାର କରିଛି, ଅନ୍ୟମାନେ କ'ଣ କରିବା ଉଚିତ ବୋଲି ମୁଁ ଇଚ୍ଛା କରୁଛି, ସେଇଥିରୁ ହିଁ ଏଥିରେ ଯଥେଷ୍ଟ ପ୍ରମାଣ ମିଳିଯିବା ଉଚିତ୍ । ମାତ୍ର, ଯେଉଁମାନେ ଆଗରୁ ହିଁ ଧନୀ ହୋଇ ସାରିଛନ୍ତି ଏବଂ ଯେଉଁମାନେ କଦାପି ସେମାନେ ନିଜର ଧନକୁ ସେବା କାର୍ଯ୍ୟରେ ବିନିଯୋଗ କରନ୍ତୁ, ସେମାନଙ୍କୁ ମୁଁ କେବଳ ଏହି କଥାଟି କହି ପାରିବି ।

ଏକଥା ସତ ଯେ ସାଧାରଣତଃ ଧନୀମାନେ ନିଜ ନିମନ୍ତେ ପ୍ରୟୋଜନଠାରୁ ଅନେକ ଅଧିକ ଖର୍ଚ୍ଚ କରନ୍ତି । ମାତ୍ର ଏଇଟିକୁ ଅବଶ୍ୟ ଏଡାଇ ଦିଆଯାଇ ପାରିବ । ତାଙ୍କ ଭଳି ଆର୍ଥିକ ସ୍ଥିତିର ଅନ୍ୟ ବ୍ୟକ୍ତିମାନଙ୍କର ତୁଳନାରେ ଯମୁନା ଲାଲଜୀ ନିଜ ପାଇଁ ଅନେକ କମ୍ ଖର୍ଚ୍ଚ କରୁଥିଲେ । ଅନେକ ମଧବିତ୍ତ ଅବସ୍ଥାରେ ଲୋକମାନଙ୍କ ଠାରୁ ମଧ ସେ ନିଜ ପାଇଁ କମ୍ ଖର୍ଚ୍ଚ କରୁଥିଲେ । ମୁଁ ଏପରି ଅଗଣିତ ଧନାଢ଼୍ୟ ବ୍ୟକ୍ତିମାନଙ୍କର ସମ୍ପର୍କରେ ଆସିଛି ଯେଉଁମାନେ କି ନିଜ ବେଳକୁ ଭାରି କୃପଣ ହୋଇ ଆଚରଣ କରନ୍ତି । କେତେକ ତ ଆପଣାର ସ୍ୱଭାବ ଦ୍ୱାରା ପ୍ରେରିତ ହୋଇ ନିଜ ପାଇଁ ପ୍ରାୟ କିଛି ଖର୍ଚ୍ଚ କରନ୍ତି ନାହିଁ ଏବଂ ସେପରି କରି ସେମାନେ ସେପରି କୌଣସି ବିଶେଷ ଗୁଣର ପରିଚୟ ଦିଅନ୍ତି ବୋଲି ମଧ ଆଦୌ ଭାବନ୍ତି ନାହିଁ ।

ଧନୀମାନଙ୍କର ପୁଅମାନଙ୍କ କ୍ଷେତ୍ରରେ ମଧ ସେହିକଥା କୁହାଯାଇ ପାରିବ । ବ୍ୟକ୍ତିଗତ ଭାବରେ ମୁଁ ଉତ୍ତରାଧିକାରର ସୂତ୍ରରେ ମିଳୁଥିବା ସମ୍ପତ୍ତିରେ ବିଶ୍ୱାସ କରେ ନାହିଁ । ଧନୀମାନେ ସେମାନଙ୍କର ସନ୍ତାନମାନଙ୍କୁ ଏପରି ଶିକ୍ଷା ଦିଅନ୍ତେ ଓ ଏପରି ଭାବରେ ବଢ଼ାଇ ଆଣନ୍ତେ, ଯେପରିକି ସେମାନେ ସ୍ୱାଧୀନ ହେବାକୁ ଶିକ୍ଷା କରନ୍ତେ । ଦୁର୍ଭାଗ୍ୟର କଥା ଯେ ସେମାନେ ସେଭଳି କରନ୍ତି ନାହିଁ । ସେମାନଙ୍କର ପିଲାମାନେ କିଛି ଶିକ୍ଷା ଅବଶ୍ୟ ପାଆନ୍ତି ସତ, ଏପରିକି ଦାରିଦ୍ର୍ୟର ପ୍ରଶଂସା ଗାନ କରି ସେମାନେ ନାନା ପଦ୍ୟର ଆବୃତ୍ତି କରନ୍ତି, ମାତ୍ର ପୈତୃକ ସମ୍ପତ୍ତିର ମାଲିକ ହୋଇ ବସି ଯିବାରେ ସେମାନେ ଆଦୌ କୌଣସି ଖେଦ ପ୍ରକଟ କରନ୍ତି ନାହିଁ । ସ୍ଥିତି ଏଭଳି ହୋଇଥିବାରୁ, ମୁଁ ମୋ' ନିଜର ସାଧାରଣ ଜ୍ଞାନର ପ୍ରୟୋଗ କରେ ଏବଂ ଯାହା କାର୍ଯ୍ୟତଃ ସମ୍ଭବ ହେବ, ସେହିଭଳି ପରାମର୍ଶ ଦେଇଥାଏ ।

ଅବଶ୍ୟ, ଆମେ ଯେଉଁମାନେ ଦାରିଦ୍ର୍ୟକୁ ସ୍ୱୀକାର କରିନେବାକୁ ହିଁ ଆପଣାର କର୍ତ୍ତବ୍ୟ ବୋଲି ବିଚାରୁଛୁ ଏବଂ ଆର୍ଥିକ ସମାନତାରେ ବିଶ୍ୱାସ କରୁଛୁ ବୋଲି ତାହାହିଁ ହେଉ ବୋଲି ଇଚ୍ଛା କରୁଛୁ, ଧନୀମାନଙ୍କ ପ୍ରତି ଈର୍ଷାନ୍ୱିତ ହେବା ପଇଁ ଆମର କୌଣସି ପ୍ରୟୋଜନ ନାହିଁ । ଆମେ ବରଂ ଆମ ଦାରିଦ୍ର୍ୟରେ ଯଥାର୍ଥ ସୁଖର ପ୍ରଦର୍ଶନ କରିବା ଏବଂ ଅନ୍ୟମାନେ ଇଚ୍ଛାକଲେ ତାହାକୁ ଅନୁକରଣ କରିପାରିବେ । ଅତ୍ୟନ୍ତ ଦୁଃଖର ବିଷୟ ହେଉଛି ଯେ, ଏହିପରି ଭାବରେ ସୁଖ ଅନୁଭବ କରୁଥିବା ବ୍ୟକ୍ତିଙ୍କର ସଂଖ୍ୟା ଅତ୍ୟନ୍ତ କମ୍ ଓ ଅତ୍ୟନ୍ତ ବିରଳ ।

ସର୍ବସାଧାରଣ ହିଁ ଜଣେ ଟ୍ରଷ୍ଟୀର ଏକମାତ୍ର ଉତ୍ତରାଧିକାରୀ ହୋଇ ରହିବେ । ଅହିଂସା ନୀତିକୁ ଆଧାର କରି ଗଠିତ ହୋଇଥିବା ଗୋଟିଏ ରାଷ୍ଟ୍ରରେ ଟ୍ରଷ୍ଟୀମାନଙ୍କର ପ୍ରାପ୍ୟକୁ ଆଇନ ଦ୍ୱାରା ଧାର୍ଯ୍ୟ କରି ଦିଆଯିବ । ରାଜା ଓ ଜମିଦାରମାନେ ଧନାଢ଼୍ୟ ଅନ୍ୟ ବ୍ୟକ୍ତିମାନଙ୍କ ପରି ଏକ ସମାନ ଶ୍ରେଣୀରେ ରହିବେ ।


# ସର୍ବେଦ

**ପ୍ରେମ ଗାନ ଯୋଗୀ ନହିଁ, ୱାଣୀ ଜପ ନହିଁ ଯୋଗ ।**
**ପିଣ୍ଡ ବ୍ରହ୍ମାଣ୍ଡ କେ ଅନ୍ତରେ, ସର୍ବ୍ୱ ଅରାଧ୍ୟ ୱିଯୋଗ ॥୨୧॥**

ଭାଷ୍ୟ - ଭାବର ସହ ବାଣୀରେ କାନ୍ଦିବା ଗାଇବ ସମସ୍ତ ମନର ବିଷୟ ଅଟେ, ଯୋଗର ନୁହେଁ । ପ୍ରେମରେ ଗାନ କରୁଥିବା ଯୋଗୀ ହୋଇପାରେ ନାହିଁ, ଏହା ମନର ପ୍ରେମ ଲୀଳା ମାତ୍ର, ଭକ୍ତିର ସ୍ୱରୂପ ନୁହେଁ । ବାଣୀ ଦ୍ୱାରା କୌଣସି ମନ୍ତ୍ରର ଜପ କରିବା ଯୋଗ ନୁହେଁ । ପିଣ୍ଡ ବ୍ରହ୍ମାଣ୍ଡ ଭିତରେ, ମନ ମଣ୍ଡଳରେ ଯେତିକି ସାଧନା ହୋଇଥାଏ ସେ ସମସ୍ତ ପ୍ରାକୃତିକ ଅଟେ, ଆତ୍ମାର ସାଧନା ନୁହେଁ । ଏ ସବୁକୁ ଛାଡ଼ି ପ୍ରକୃତିପାର ଚେତନ ପଥକୁ ପ୍ରାପ୍ତ କରିବା ଉଚିତ ।

**ସହସ କମଲ ଆସନ କିୟେ, ଚିନ୍ତନ ବ୍ରହ୍ମ ସ୍ୱରୂପ ।**
**ୱିନଶି କମଲ ଭୟ ନହିଁ ମିଟା, ଅନ୍ତ ପରେଁ ଭଓକୂପ ॥୨୨॥**

ଭାଷ୍ୟ - ଯେତେବେଳେ ଧ୍ୟେୟରେ ସ୍ଥିରତା ଆସିଯାଏ, ସେତେବେଳେ ଆସନ ସ୍ଥିର ହୋଇଯାଏ । ସହସ୍ର କମଲ ବ୍ରହ୍ମାଣ୍ଡରେ ସ୍ଥିର ହୋଇ ବ୍ରହ୍ମ ସ୍ୱରୂପର



ଚିନ୍ତା କରିବା ଫଳରେ କମଳର ନାଶ ହୋଇଯାଏ ଆଉ ପ୍ରକୃତିର ଭୟ ଦୂର ହୁଏନାହିଁ । ସେଥିପାଇଁ ଜୀବ ଅନ୍ତିମ ଅବସ୍ଥାରେ ଭବକୂପରେ ପଡ଼ି ଅନେକ ଯାତନା ପାଏ ।

**ମନ କେ ମଣ୍ଡଳ ବୈଠକର, ଖୋଜେଁ ବ୍ରହ୍ମ ଅନୂପ ।**
**ପ୍ରକଟେ ମନ ୱହି ରୂପ ମେଁ, ୱିୱିଧ କଲାମୟ ରୂପ ॥୨୩॥**

ଭାଷ୍ୟ - ମନର ମଣ୍ଡଳରେ ବସି ବ୍ରହ୍ମ ସ୍ୱରୂପକୁ ଖୋଜିଥାନ୍ତି, ମନ ସେହି ନିଜର ସ୍ୱରୂପକୁ ବିବିଧ ରୂପରେ ପ୍ରାପ୍ତ କରେ ଅର୍ଥାତ୍ ଯେଉଁ ବିଷୟ ମନ ଭିତରେ ଅଛି, ତାହା ତା'ର ସ୍ୱରୂପ ଅଟେ ।ସେହି ମାନସିକ ଧ୍ୟାନ ହେବା ପରେ ମନ ଭିତରେ ରହିଥିବା ସ୍ୱରୂପ ଧ୍ୟେୟ ରୂପରେ ଆସି ମନରେ ପ୍ରକଟ ହୁଏ, ଏହା ମନର ମନନ, ବ୍ରହ୍ମ ସ୍ୱରୂପର ଚିନ୍ତନ ନୁହେଁ ।

**ଆଶ୍ରୟ ପ୍ରକୃତି ସ୍ୱରୂପ ହୈ, ସାଧତ ହୋ ତୁମ ଯୋଗ ।**
**ଭୂଲ ଭଟକି ଜଗ ମେଁ ପଡ଼ୋ, ବିନୁ ଗୁରୁ ଭେଦ ନ ଯୋଗ ॥୨୪॥**

ଭାଷ୍ୟ - ପ୍ରକୃତି ଆଧାରୀତ ଯେତିକି ଯୋଗ ହୁଏ ସେ ସମସ୍ତ ପ୍ରକୃତିର ସ୍ୱରୂପ ଅଟନ୍ତି । ଗୁରୁଙ୍କ ଠାରୁ ଭେଦ ନ ପାଇବା ଯାଏଁ କଣ ଯୋଗ ହୋଇପାରିବ ? ସୁତରାଂ ଅଜ୍ଞାନୀ ଜୀବ ବାଟବଣା ହୋଇ ସଂସାର ସାଗରରେ ପଡ଼ି ରହିଥାନ୍ତି ।

**ଆପେ ଆପ ସ୍ୱରୂପ କା, କରୋ ନିରନ୍ତର ଧ୍ୟାନ ।**
**ଶୀୱୋହଁ ମନମୁଖୀ ବନୋ, ଯହ ଧୋଖା ତଓ୍ୱ ଜ୍ଞାନ ॥୨୫॥**

ଭାଷ୍ୟ - ସ୍ୱୟଂ ନିଜ ସ୍ୱରୂପର ନିରନ୍ତର ଧ୍ୟାନ କରିବା ଆଉ ମନ ଏବଂ ବାଣୀରେ ମୁଁ ଶିବ ଅଟେଁ ବୋଲି କଳ୍ପନା କରିବା, ଏ ସବୁ ଭ୍ରମ ଏବଂ ଭ୍ରମଯୁକ୍ତ ଜ୍ଞାନ ଅଟେ ଅର୍ଥାତ୍ ନିଜ ମନମୁଖୀ ଶିବ ବନିବାର ଜ୍ଞାନ ଭ୍ରମ ଏବଂ ଅଜ୍ଞାନତା ଛଡ଼ା ଆଉ କିଛି ନୁହେଁ ।

**ଯୋଗ ଭେଦ ଦୋୟ ତତ୍ତ୍ୱ ହୈ, ଆପହିଁ ଆପ ନ ଯୋଗ ।**
**ଧୋଖା ଭ୍ରମ ୱିଡ଼ମ୍ୱନା, ଭୟ ମାୟା କର ଭୋଗ ॥୨୬॥**

ଭାଷ୍ୟ - ଦୁଇଟି ପଦାର୍ଥର ସମ୍ବନ୍ଧକୁ ଯୋଗ କହନ୍ତି । ଗୋଟିଏ ପଦାର୍ଥ ସହ ଅନ୍ୟ ପଦାର୍ଥର ଯୋଗ ସ୍ୱତଃ ହୋଇ ନ ଥାଏ । ନିଜ ସ୍ୱରୂପରେ ଯୋଗ କେବଳ ଭ୍ରମ ତଥା ଛଳନା ଅଟେ ଏବଂ ତାହା ପ୍ରକୃତିର ଭୋଗ ଅଟେ । ନିଜ ଠାରୁ ଭିନ୍ନ ଅନ୍ୟ ପଦାର୍ଥ ସହିତ ସମ୍ବନ୍ଧକୁ ଯୋଗ କୁହାଯାଏ । ସ୍ୱତଃ ସ୍ୱରୂପରେ ଯୋଗ ହୋଇ ନ ଥାଏ ।

**ନେତି ଧୋତୀ ତ୍ରାଟକା, ନୌଲୀ ୱସ୍ତୀ ସାଧ ।**
**ୱଜୋଲୀ ସଂୟମ କରେ, ତନ ଶୁଦ୍ଧୀ ୱପୁ ରାଧ ॥୨୭॥**

ଭାଷ୍ୟ - ନେତି, ଧୌତି, ତ୍ରାଟକ, ବସ୍ତି ଏବଂ ବଜୋଲି - ଏ ସମସ୍ତ କ୍ରିୟା ଏବଂ ଏଗୁଡ଼ିକର ସଂଯମ କରିବାର ସାଧନ ଶରୀରର ଶୁଦ୍ଧି ଏବଂ ରକ୍ଷା ନିମନ୍ତେ ପ୍ରଯୁଜ୍ୟ ।

# ଅଧିକ ପାଣି ପିଇବା ହାନିକାରକ



**ସାଧାରଣତଃ** ସମସ୍ତଙ୍କୁ ଅଧିକରୁ ଅଧିକ ପାଣି ପିଇବାକୁ ପରାମର୍ଶ ଦିଆଯାଏ । କିନ୍ତୁ ବେଳେବେଳେ ଅଧିକ ପାଣି ପିଇବା ମଧ୍ୟ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ । ବାସ୍ତବରେ ପ୍ରତ୍ୟେକ ଖାଦ୍ୟ ଓ ପାନୀୟର ଏକ ସୀମା ଅଛି ଏବଂ ସେଥିରେ ପାଣି ମଧ୍ୟ ଅନ୍ତର୍ଭୁକ୍ତ । ନିର୍ଦ୍ଦିଷ୍ଟ ପରିମାଣର ପାଣିଠାରୁ ଅଧିକ ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । କାରଣ ଜଳର ମଧ ପାର୍ଶ୍ୱ ପ୍ରତିକ୍ରିୟା ରହିଛି । କରୋନା ଭାଇରସ୍ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ଡାକ୍ତରମାନେ ଡିହାଇଡ୍ରେସନ ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଉଛନ୍ତି । କିନ୍ତୁ ଅତ୍ୟଧିକ ପାଣି ପିଇବା ବେଳେବେଳେ ମୃତ୍ୟୁର କାରଣ ମଧ ହୋଇପାରେ । ଏହାକୁ ୱାଟର ଇନଟକ୍ସିକେସନ କିମ୍ବା ୱାଟର ପଏଜନିଂ କୁହାଯାଏ ।

କେତେ ପାଣି ପିଇଲେ ଜଣକର ମୃତ୍ୟୁ ହୋଇଯିବ କିମ୍ବା ସେ ଗୁରୁତର ହୋଇ ହସ୍ପିଟାଲ ଯିବେ ଏ ପର୍ଯ୍ୟନ୍ତ ସେ ବିଷୟରେ କୌଣସି ସଠିକ୍ ତଥ୍ୟ ମିଳିନାହିଁ । ତଥାପି କୁହାଯାଉଛି ଯେ ପ୍ରତି ଘଣ୍ଟାରେ ଏକ ଲିଟର କିମ୍ବା ଅଧିକ ପାଣି ପିଇବା ବିପଦଜନକ । କାରଣ ଜଳର ଏକ ଅତ୍ୟଧିକ ମାତ୍ରା ଶରୀରରେ ରକ୍ତ ଅମ୍ଳଜାନ ସ୍ତରକୁ ନଷ୍ଟ କରିଥାଏ । ସୂଚନାନୁଯାୟୀ କିଛି ବର୍ଷ ପୂର୍ବେ କାଲିଫର୍ଣ୍ଣିଆରେ ଜଣେ ୨୮ ବର୍ଷର ସୁସ୍ଥ ଝିଅ ଜେନିଫର ପାନୀୟ ଜଳ ପ୍ରତିଯୋଗିତାରେ ଭାଗ ନେବାକୁ ଯାଇଥିଲେ । ଏହି କାର୍ଯ୍ୟକ୍ରମରେ ସେ ତିନି ଘଣ୍ଟା ମଧ୍ୟରେ ୬ ଲିଟର ପାଣି ପିଇଥିବାରୁ ତାଙ୍କର ମୃତ୍ୟୁ ହୋଇଥିଲା । ଅତ୍ୟଧିକ ପାଣି ପିଇବାର ଲକ୍ଷଣ ହେଉଛି ଶରୀରରେ ସୋଡିୟମର ଅଭାବ । ସୋଡିୟମର ଅଭାବ ହେଲେ ରୋଗୀ ମୁଣ୍ଡବ୍ୟଥା, ଥକାପଣ, ବାନ୍ତି, ବାରମ୍ବାର ପରିସ୍ରା ଲାଗିବା ଭଳି ଲକ୍ଷଣ ଅନୁଭବ କରିଥାନ୍ତି । କେବଳ ଏତିକି ନୁହେଁ, ଅତ୍ୟଧିକ ଥକାପଣ ଅନୁଭବ ହୁଏ । ଯଦି ତୁରନ୍ତ ସୋଡିୟମ ପରୀକ୍ଷା ନ କରାଯାଏ ତେବେ ରୋଗୀ ସ୍ମୃତି ଶକ୍ତି ହ୍ରାସ କିମ୍ବା ମସ୍ତିଷ୍କ ସମ୍ବନ୍ଧୀୟ ରୋଗରେ ମଧ ପୀଡିତ ହୋଇପାରନ୍ତି । ତେଣୁ ସମସ୍ତଙ୍କୁ ନିଜ ଶରୀର, ବୟସ, କାର୍ଯ୍ୟ ଏବଂ ଋତୁର ଆବଶ୍ୟକତା ଅନୁଯାୟୀ ପାଣି ପିଇବାକୁ ପରାମର୍ଶ ଦିଆଯାଉଛି ।

# ଦୁଇଟି ବେଙ୍ଗ ପ୍ରଭୁ ଶ୍ରୀରାମଙ୍କୁ ଉଚିତ୍ ଶିକ୍ଷା ଦେଲେ

**ଦଣ୍ଡକାରଣ୍ୟରେ** ଅପହୃତା ସୀତାଙ୍କୁ ଖୋଜି ଖୋଜି ବୁଲୁଥାନ୍ତି ରାମ ଓ ଲକ୍ଷ୍ମଣ । ହଠାତ୍ ଭ୍ରାତା ଦ୍ୱୟ ତୃଷାର୍ତ୍ତ ହୋଇ ପାଣିର ସନ୍ଧାନରେ ଇତସ୍ତତଃ ଭାବେ ଭ୍ରମଣ କରିବାରେ ଲାଗିଲେ । ଏହିପରି ଭାବେ ଜଳ ଅନୁସନ୍ଧାନ କରୁଥିବା ସମୟରେ ସେମାନଙ୍କର ଶ୍ରୁତିଗୋଚର ହେଲା ନିର୍ଝରିଣୀରେ କୁଳୁକୁଳୁ ନାଦରେ ପ୍ରବାହିତ ହେଉଥିବା ଜଳ । ଶ୍ରୀରାମଙ୍କର ଶୋଷ ଅତ୍ୟଧିକ ବଢ଼ିଯିବା କାରଣରୁ ସେ ଆଉଟୁ ପାଉଟୁ ହୋଇଗଲେ ଓ ଜଳଧାରା ସମୀପରେ ବସି ପଡ଼ିବା ପରେ ଜାଣିପାରିଲେ ଯେ, ଭୁଲବଶତଃ ତାଙ୍କର ପାଦରେ ଗୋଟିଏ ବେଙ୍ଗ ଚକଟି ହୋଇଯାଇଛି ।

ଅପରାଧୀଟିଏ ପରି ତାକୁ ତଳୁ ଉଠାଇ ଆଣି ଗୋଟିଏ ହାତର ପାପୁଲିରେ ଧରିଲେ ଓ ସେ ଅପର ହାତର ପାପୁଲିରେ ତାକୁ ଧୀରେ ଧୀରେ ଆଉଁସି ଦେଇ କହିଲେ,'ଏତେ ବଡ଼ ଆଘାତ ପାଇଲୁ, ଅଥଚ ଟିକେ ଆଗରୁ ପାଟି କରି ମୋତେ ଡାକି ପାରିଲୁ ନାହିଁ ? ବେଙ୍ଗଟି ଶ୍ରୀରାମଙ୍କୁ ଉତ୍ତର ଦେଲା, 'ହେ ପ୍ରଭୁ, ମୋତେ ସାପ ତଥା ଶିକାରୀ ପକ୍ଷୀ ଆଦି ଆକ୍ରମଣ କଲେ ମୁଁ ତ ଆପଣଙ୍କ ନାମ ସ୍ମରଣ କରି ପ୍ରଭୁ ଶ୍ରୀରାମ ରକ୍ଷା କର ବୋଲି ଚିତ୍କାର କରେ । ଆପଣ କଚ୍ଛି ଦେଲେ କାହାକୁ ରକ୍ଷା କରିବା ନିମିତ୍ତ ଡାକିବି । ଏତଦ୍ ବ୍ୟତୀତ ଆହତ ହେବା କାରଣରୁ ଆପଣ ତ ମୋତେ ହାତରେ ଧରି ଆଉଁସି ଦେଲେ । ନହେଲେ ମୋ ସଦୃଶ ଅଲୋଡ଼ା ମଣ୍ଡୁକକୁ କାହିଁକି ବା କିଏ ହାତରେ ଧରିଥାନ୍ତେ ।

ଏହା ପରେ ଶ୍ରୀରାମ ଲଙ୍କାରେ ଆଉ ଗୋଟିଏ ମଣ୍ଡୁକକୁ ଭେଟି ଥିଲେ । ଲଙ୍କାକୁ ଜୟ କରି ବିଭୀଷଣଙ୍କୁ ସେ ରାଜ୍ୟ ଦେଲେ । ସୀତାଙ୍କର ସହିତ ଅଯୋଧ୍ୟାକୁ ଫେରିବା ସମୟର କଥା । ତପରେ ସେ ଲକ୍ଷ୍ମଣଙ୍କୁ କହିଲେ 'ଆମେ ଲଙ୍କାକୁ ଜିଣିବାର ସ୍ମାରକୀ ସ୍ୱରୂପ କିଛି ଗୋଟିଏ ଜିନିଷ ଏଠିଠାରୁ ନେଇଯିବା ଲକ୍ଷ୍ମଣ ସଙ୍ଗେସଙ୍ଗେ ଚାଲିଲେ ଓ ସାଥିରେ ତାଙ୍କର ଥିଲେ ବୀରବର ହନୁମାନ । ଦୁହେଁ ବୁଲି ବୁଲି ଅବଶେଷରେ ରାବଣର



ଗାଧୁଆ ଘରେ ଗୋଟିଏ କଳା ସୁନ୍ଦର ମୁଗୁନି ପଥର ଦେଖିଲେ । ଏହା ଉପରେ ରାବଣ ବସି ପ୍ରତି ଦିନ ଗାଧାଏ । ପଥରର ଦୁଇ ପାଖରେ ଦୁଇଟି ସ୍ଫଟିକ ନାରୀ ମୂର୍ତ୍ତି କଳସି ଧରିବା ଅବସ୍ଥାରେ ବିଦ୍ୟମାନ ଥାନ୍ତି । ରାବଣ ଉପରେ ଛତ୍ର ଧରିଥାନ୍ତି ଚନ୍ଦ୍ର । ଚନ୍ଦ୍ର କିରଣ ପଡ଼ିବା ମାତ୍ରେ ସ୍ଫଟିକ ମାଠିଆରୁ ମନକୁ ମନ ପାଣି ଝରେ । ରାବଣ ସେଥିରେ ସ୍ନାନ କରେ । ତାହା ଉପରେ ବସିଥିଲେ ସଂସାରର କୋଣ ଅନୁକୋଣର ଘଟଣା ତାହାର ଦୃଷ୍ଟିଗୋଚର ହୁଏ । ତଦନୁଯାୟୀ ସେ ପ୍ରତିକାରର ବ୍ୟବସ୍ଥା ମଧ କରେ ।

ଲକ୍ଷ୍ମଣ ସେଇ କଳା ମୁଗୁନି ପଥରଟି ନେବାକୁ ଚାହିଁଲେ । ସଙ୍ଗେସଙ୍ଗେ ପଥରଟିକୁ ଓଲଟାଇ ଦେଲେ ହନୁମାନ । ଦେଖିଲା ବେଳକୁ ପଥର ତଳେ ଗୋଟିଏ ବଡ଼ ବୁଢ଼ା ବେଙ୍ଗ । ସେ କଟର କଟର କରି ଲକ୍ଷ୍ମଣ ଆଡ଼କୁ ଡେଇଁ ପଡ଼ି ମଣିଷ କଣ୍ଠରେ କହିଲା 'ସାବଧାନ ଏହାକୁ ନିଅ ନାହିଁ । ନେବ ଯଦି ଛାତି ଫାଟିଯିବ । ପ୍ରଥମେ ଶ୍ରୀରାମଙ୍କୁ ଡାକ; ତାହା ପରେ ନେବା କଥା ଉଠିବ 'ଲକ୍ଷ୍ମଣ ବହୁତ ଡରିଗଲେ, ସେ ଯାଇ ଭାଇଙ୍କୁ ସବୁ କଥା କହିଲେ । ପ୍ରଭୁ ଶ୍ରୀରାମ ଆସିଲେ, ବେଙ୍ଗ ତାଙ୍କୁ ଗୋଟିଏ ଲମ୍ବା ଚଉଡ଼ା ନମସ୍କାର ମାରି କହିଲା 'ପ୍ରଭୁ ମୋହର ବୟସ ବହୁତ ବେଶୀ । ବ୍ରହ୍ମାଙ୍କର ଚାରିଟି ମୁଣ୍ଡ । କିନ୍ତୁ ଯଜ୍ଞକାଳରେ ତାଙ୍କର ଥିଲା ପାଞ୍ଚଟି ମୁଣ୍ଡ, ଅତିରିକ୍ତ ମୁଣ୍ଡର ସହାୟତାରେ ସେ ପଞ୍ଚମ ଶିଶୁ ବେଦକୁ ପଢୁଥିଲେ । ଶିବ ତାହାକୁ କାଟି ଦେଲେ । ନିଜ ଆଖିରେ ସେ ଘଟଣା ସବୁ ମୁଁ ଦେଖିଛି । ଏବେ ଚନ୍ଦ୍ର ପନ୍ଦର ଦିନ ବଢ଼ୁଛି ଓ ପନ୍ଦର ଦିନ ଛିଡ଼ୁଛି । ମାସକରେ ଥରେ ମାତ୍ର ଏବେ ପୂର୍ଣ୍ଣ ଚନ୍ଦ୍ର ଦେଖା ଯାଉଛି । କିନ୍ତୁ ଯେତେବେଳେ ସବୁ ଦିନ ପୂର୍ଣ୍ଣ ଚନ୍ଦ୍ର ଉଦୟ ହେଉଥିଲା ତାହା ମୁଁ ଦେଖିଛି । ସାଗର ମନ୍ଥନ, ଶିବଙ୍କର ଗରଳ ପାନ, ସମୁଦ୍ରରୁ ଅମୃତ ହାଣ୍ଡି ସହିତ ଚଉଦ ରତ୍ନ ପ୍ରାପ୍ତି, ବିଷ୍ଣୁଙ୍କର ମୋହିନୀ ରୂପ ଆଦି ମୋହର ସମକ୍ଷରେ ଘଟିଛି । ଆପଣଙ୍କର ବାମନ ଅବତାରର ବିକ୍ରମ ରୂପ ମୁଁ ଦେଖିଛି । କିନ୍ତୁ ଗୋଟିଏ କଥା ମୁଁ ଦେଖି ନଥିଲି କି ଶୁଣି ନଥିଲି । ସେହି କଥାଟି ହେଲା ଛେପ ପକାଇ ଢୋକିବା । ଆପଣ ଲଙ୍କାକୁ ଜୟ କଲେ । ବିଭୀଷଣଙ୍କୁ ରାଜ୍ୟ ଦେଲେ । ପୁଣି ସେହି ଦେଇଥିବା ରାଜ୍ୟରୁ ଆପଣ କିପରି ନେଇ ଯାଉଛନ୍ତି ଏହି ପଥର । ଏହା ଛେପ ପକେଇ ଢୋକିବା ସହିତ ସମାନ ।

ଶ୍ରୀରାମ ଅପରାଧୀଟିଏ ପରି କହିଲେ 'ଦିନେ ଦଣ୍ଡକାରଣ୍ୟରେ ମୋତେ ଗୋଟିଏ ବେଙ୍ଗ ଶିକ୍ଷା ଦେଇଥିଲା । ଆଉ ଆଜି ତମେ । ଏଇ ଶିକ୍ଷା ମୋର ସବୁ ଦିନ ପର୍ଯ୍ୟନ୍ତ ମନେ ରହିବ 'ବେଙ୍ଗଟି କହିଲା' ପ୍ରଭୁ ମୋହର ଧୃଷ୍ଟତା ମାର୍ଜନା କରିବେ, ଆପଣଙ୍କୁ ଶିକ୍ଷା ଦେବାର ମୋହର କୌଣସି ଯୋଗ୍ୟତା ନାହିଁ । କେବଳ ଆପଣଙ୍କ ଦର୍ଶନ ପାଇବା ପାଇଁ ଏହିପରି କାମ କଲି । ମୋହର ବୟସ ହୋଇଯାଇଛି । ବଞ୍ଚିବାକୁ ଆଉ ଇଚ୍ଛା ନାହିଁ । ଜାତସ୍ୟ ଧ୍ରୁବ ମୃତ୍ୟୁ । ଆପଣଙ୍କ ଆଗରେ ଆପଣଙ୍କୁ ଦର୍ଶନ କରୁ କରୁ ମରିବି । ମତେ ଆଶୀର୍ବାଦ କରନ୍ତୁ ପ୍ରଭୁ ଶ୍ରୀରାମ ବେଙ୍ଗଟିକୁ ଉଠାଇ ଆଣି ଆଉଁସିବାରେ ଲାଗିଲେ । ବେଙ୍ଗଟିର ଦେହରୁ ଗୋଟିଏ ଉଜ୍ଜ୍ୱଳ ଆଲୋକ ବାହାରି ପ୍ରଭୁଙ୍କ ଦେହରେ ଲୀନ ହୋଇଗଲା ।

# ଟିକିଏ ହସନ୍ତୁ

ଚାଲୁ ଚାଲୁ ଯଦି କିଏ ଝୁଣ୍ଟି ପଡୁଛି, ବସିଲେ ଭାବନାରେ ବୁଡ଼ି ଯାଉଛି, ଭୋକ ନିଦ ତା'ର ହଜି ଯାଉଛି ।
ଇଏ କ'ଣ ପ୍ରେମର ଲକ୍ଷଣ ?
ନା, ଇଏ ଦୁର୍ବଳତାର ଲକ୍ଷଣ । ଡାକ୍ତରଙ୍କୁ ଦେଖାକରି ଚିକିତ୍ସା ଆରମ୍ଭ କରନ୍ତୁ ।

× × × ×

ଜଣେ ରୋଗୀ ଡାକ୍ତରଙ୍କ ପାଖକୁ ଚିକିତ୍ସା ପାଇଁ ଯାଇଥାନ୍ତି ।
ଡାକ୍ତର ଆପଣଙ୍କର ଇନ୍‌ଫେକ୍ସନ ଜନିତ ରୋଗ ହୋଇଛି । ଭିଡ଼ଭାଡ଼ରୁ ଟିକେ ଦୂରେଇ ରହି ଜଗି ରଖି ଚଳିଲେ ଶୀଘ୍ର ଭଲ ହୋଇଯିବେ ।



ରୋଗୀ: କିନ୍ତୁ ଏହା ତ ମୋ ପକ୍ଷେ ସମ୍ଭବ ନୁହେଁ । ସବୁବେଳେ ଭିଡ଼ ଭିତରେ ହିଁ ମୁଁ କାମ କରେ ।
ଡାକ୍ତର: ଆପଣ କ'ଣ କାମ କରନ୍ତି କି ?
ରୋଗୀ: ପକେଟ୍ ମାର୍ ।

× × × ×

ପୁଅ ବାପାଙ୍କୁ: ମଦୁଆ କାହାକୁ କୁହନ୍ତି ?
ବାପା: ମୁଁ ତତେ ସହଜରେ ବୁଝେଇ ଦେଉଛି ଶୁଣ ।
ଏଇ ଆଗରେ ରଖାଯାଇଥିବା ଚାରୋଟି କାର୍, ଯାହାକୁ ଆଠଟି ଦେଖାଯିବ ତାକୁ ମଦୁଆ କୁହନ୍ତି ।
ପୁଅ: ହେଲେ ବାପା ଆଗରେ ତ ଚାରୋଟି ନୁହେଁ ଦୁଇଟି କାର୍ ରଖା ହୋଇଛି ।

× × × ×

ପତ୍ନୀ ପତିକୁ: ଶୁଣୁଛ ! ପ୍ରତି ସୋମବାର ଆମେ ବଜାର, ମଙ୍ଗଳବାର ହୋଟେଲ, ବୁଧବାର ବୁଲିବାକୁ, ଗୁରୁରେ ରେଷ୍ଟୁରାଣ୍ଟ, ଶୁକ୍ରରେ ମୁଭି, ଶନିରେ ପିକ୍‌ନିକ୍ ଯିବା ।
ପତି: ନିଶ୍ଚୟ । ଆଉ ରବିବାର ଦିନ ମନ୍ଦିର ଯିବା ।
ପତ୍ନୀ: କାହିଁକି ।
ପତି: ଥାଳି ଧରି ଭିକ ମାଗିବାକୁ ।

× × × ×

ନବବଧୂଟିଏ, ଶାଶୁଘରେ ରୋଷେଇ ବହି ପଢ଼ି ପ୍ରଥମ କରି ରୋଷେଇ କରୁଥାଏ ।
କିଛି ସମୟ ପରେ ଶାଶୁ ଆସି ଫ୍ରିଜ୍ ଖୋଲି ଆଶ୍ଚର୍ଯ୍ୟ ହୋଇ ବୋହୂକୁ ପଚାରିଲେ : ଆରେ, ଏ କାନ୍ଥ ଘଣ୍ଟାଟା କ'ଣ ଫ୍ରିଜ୍ ଭିତରେ ଥୁଆ ହୋଇଛି ।
ବୋହୂ : ବହିରେ ପରା ଲେଖା ହୋଇଥିଲା, ସବୁ ଜିନିଷକୁ ମିଶ୍ରଣ କରି ଏକ ଘଣ୍ଟା ଫ୍ରିଜ୍‌ରେ ରଖିବାକୁ ।

## ସାଗୁଦାନାର ଉପକାରିତା

**ପେଟକୁ** ଥଣ୍ଡା କରିବା ପାଇଁ ସାଗୁ ଖୁବ୍ ଲାଭଦାୟକ । ଏଥିରେ ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ ଭରି ରହିଛି । ପିଲାଠାରୁ ଆରମ୍ଭ କରି ବଡ଼ ପର୍ଯ୍ୟନ୍ତ ସମସ୍ତେ ସାଗୁ ଖାଇଥାନ୍ତି । ଏହା କେବଳ ପେଟ ଥଣ୍ଡାକରେ ତାହାନୁହେଁ ତ୍ୱଚା ପାଇଁ ମଧ ଖୁବ୍ ଭଲ ।

ପୂର୍ବରୁ ପିଲା ଖାଦ୍ୟ ରୂପେ ଶାଗୁ ଦାନାକୁ ବ୍ୟବହାର କରାଯାଉଥିଲା । ଏଥିପାଇଁ ମା' ମାନେ ସାଗୁ ଭାଜି ଚକିରେ ପେଶି ଗାଈ କ୍ଷୀର, ଚିନି ପକାଇ ଆଉଟି ଶିଶୁଙ୍କୁ ଖାଇବାକୁ ଦେଉଥିଲେ ।

ପିଲା ହୁଅନ୍ତୁ କି ବଡ଼ ପେଟ ଖରାପ ହୋଇ ଝାଡା ହେଉଥିଲେ ସାଗୁ ଓ କଦଳୀ ଖାଇବାକୁ ଦିଆଯାଇଥାଏ । ଏହା ପେଟକୁ ଥଣ୍ଡା କରିବା ସହିତ ତରଳ ଝାଡାକୁ କଣ୍ଟ୍ରୋଲ କରିଥାଏ ।

ସାଗୁରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ । ଆଜିକାଲି ପ୍ରାୟ ସ୍ନାକ୍ସ ଓ ଲୁଣି ଖାଦ୍ୟ ବା ପାମ୍ପଡ ଆଦି ସାଗୁରେ ତିଆରି କରାଯାଉଛି ।

ସାଗୁ ଦାନା ପ୍ରସ୍ତୁତ ଗୋଲଫିଙ୍ଗର ପିଲାଙ୍କ ପ୍ରିୟ ସ୍ନାକ୍ସ ।

ଶାଗୁ ମଣ୍ଡ ପ୍ରସ୍ତୁତ କରି ସୂତା ଲୁଗାରେ ଦିଆଯାଇଥାଏ । ତ୍ୱଚା ପାଇଁ ଶାଗୁ ଖୁବ୍ ଉପକାରୀ, ଏହା ତ୍ୱଚାର ଡାର୍କ ସର୍କଲ ଓ ଅଣ୍ଡରଆର୍ମ୍ସରେ ଥିବା କଳା ଦାଗରୁ ମୁକ୍ତି ଦେଇଥାଏ । ଏଥିପାଇଁ ସାଗୁ ବାଟି ଏଥିରେ ଅଳ୍ପ ଦହି ଓ ହଳଦୀ ପାଉଡର ମିଶାଇ ପ୍ୟାକ ପ୍ରସ୍ତୁତ କରନ୍ତୁ । ଏବେ ଏହି ପ୍ୟାକକୁ ଅଣ୍ଡରଆର୍ମ୍ସର ଡାର୍କ ସ୍ଥାନରେ ୧ ଘଣ୍ଟା କାଳ ଲଗାଇ ରଖି ସଫା ପାଣିରେ ଧୋଇ ଦିଅନ୍ତୁ, ଏମିତି ସପ୍ତାହକୁ ଦୁଇ ତିନି ଥର କରନ୍ତୁ । କିଛି ଦିନ ଭିତରେ ଆପଣଙ୍କ ଅଣ୍ଡରଆର୍ମରୁ ଡାର୍କନେସ କେଉଁଆଡେ ଉଭେଇ ଯିବ ।

ମୁହଁରେ କଳା ବ୍ରଣ ହୋଇଥିଲେ



ସାଗୁ ଦାନାକୁ ବାଟି ଏଥିରେ ଅଳ୍ପ ରୋଜ ୱାଟର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ ଏହାକୁ ତ୍ୱଚାରେ ଲଗାଇବାର ଅଧା ଘଣ୍ଟା ପରେ ମୁହଁକୁ ସଫା କରି ଦିଅନ୍ତୁ । ଏଥିରେ ଅଳ୍ପ ଦିନ ଭିତରେ ମୁଖି ବ୍ରଣ ଦୂର ହୋଇଯିବ । ଅଏଲି ଓ ଡ୍ରାଏ ସ୍କିନ୍ ହୋଇଥିଲେ ସାଗୁ ଦାନାକୁ ବାଟି ଏଥିରେ ଲେମ୍ବୁ ରସ ମିଶାଇ ପ୍ୟାକ ପ୍ରସ୍ତୁତ କରି ଏହାକୁ ମୁହଁରେ ଲଗାଇବାର ୧୫ ମିନିଟ ପରେ ସଫା ପାଣିରେ ମୁହଁକୁ ଧୋଇ ଦିଅନ୍ତୁ ସବୁଠିକ୍ ହୋଇଯିବ ।

ଯଦି ଆପଣ ଡ୍ରାଏସ୍କିନ ଯୋଗୁଁ ଚିନ୍ତାରେ ପଡିଛନ୍ତି ତେବେ ସାଗୁକୁ ବାଟି, ଏଥିରେ ମଲାଇ ମିଶ୍ରଣ କରନ୍ତୁ । ଏହି ପ୍ୟାକ୍ ତ୍ୱଚାର ଡ୍ରାଏନେସ ଦୂର କରିଦେବ । ଯଦି ସ୍କିନ୍ ଅଧିକ ଡ୍ରାଏ ରହିଛି ତେବେ ଏହାକୁ ତିନିଥର ଲଗାନ୍ତୁ । କିଛିଦିନ ଭିତରେ ତ୍ୱଚାର ଡ୍ରାଏନେସ ଦୂର ହୋଇଯିବ । ସାଗୁଦାନାରେ କ୍ୟାଲସିୟମ, ଆଇରନ ଓ ଭିଟାମିନ୍ ଭରପୁର ମାତ୍ରାରେ ରହିଥାଏ, ଯାହା ଅସ୍ଥି ମଜଭୁତ ପାଇଁ ଖୁବ୍ ଜରୁରୀ । ବୟସ ବଢ଼ିବା ସହିତ ଅସ୍ଥିରେ କ୍ୟାଲସିୟମ ଅଭାବକୁ ଦୂର କରେ ସାଗୁଦାନା । ଏଥିରେ ମାଂସପେଶୀ ଯନ୍ତ୍ରଣା ଦୂର ହୋଇଥାଏ ।

## ଆପଣ ଜାଣନ୍ତି କି ?

- ସନ୍ତରଣ କଲା ବେଳେ ଡଲଫିନ୍ ତାର ମସ୍ତିଷ୍କର ଗୋଟିଏ ପଟକୁ ସୁପ୍ତ ରଖିପାରୁଥିବା ବେଳେ ଅନ୍ୟ ପଟଟିକୁ ସକ୍ରିୟ ରଖିପାରେ ।
- ୨୦୧୭ ମସିହାରେ ପ୍ରକାଶିତ ମିଳିତ ଜାତିସଂଘର ଏକ ଆଲେଖ୍ୟରୁ ଏହା ଆଶଙ୍କା କରାଯାଇଛି ଯେ କାର୍ବନ ନିଃସରଣ ମାତ୍ରା ହ୍ରାସ ନ ପାଇଲେ ୨୧୦୦ ମସିହା ବେଳକୁ ୨୯ଟି ଐତିହ୍ୟବାହି ପ୍ରବାଳ ପ୍ରାଚୀର ଧ୍ୱଂସ ପାଇଯିବ ।
- ଉତ୍ତର କାନାଡାରେ ଦେଖା ଯାଉଥିବା ନାଲି ରଙ୍ଗର ଏକ ପ୍ରକାରର ବାଦୁଡ଼ି ଶୀତନିଦ୍ରାକୁ ଚାଲିଗଲେ ଜୀବିତ ରହିବା ପାଇଁ ୧୦ ମିନିଟରେ ଥରେ ମାତ୍ର ନିଶ୍ୱାସ ନେଇଥାଆନ୍ତି ।
- ବିଶ୍ୱର ସବୁଠାରୁ ଦ୍ରୁତ ବୃଦ୍ଧି ପାଉଥିବା ଗଛର ନାଁ ୪୫ ଜେନେରା । ଗବେଷଣାରୁ ଜଣାଯାଇଛି ଯେ ଏହି ଗଛ ପ୍ରତିଦିନ ୯୧ ସେଣ୍ଟିମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ ।
- ଖାଦ୍ୟ ପ୍ରତି ଥିବା ଭୟକୁ କୁହାଯାଏ ସିବୋଫୋବିୟା ।
- କ୍ରାନବେରିକୁ କୁହାଯାଇଥାଏ ବାଉନ୍ସ ବେରି । କାରଣ ପାଚିଗଲା ପରେ ଏହି କୋଳିଗୁଡିକ ତଳେ ପଡିଲେ ରବର ବଲ ଭଳି ଡିଆଁ ମାରିଥାଆନ୍ତି ।
- ଟେଟ୍ରୋପ୍ୟାକର '୧୦୦ ପ୍ରତିଶତ ଖାଣ୍ଟି' ଲେମ୍ବୁ ରସ ୧୦୦ ପ୍ରତିଶତ କୃତ୍ରିମ ସ୍ୱାଦରେ ଭରା ।
- ଜାଣିଲେ ଆବାକ୍ ହେବେ ଯେ ବନ୍ଧାକୋବିର ୯୧ ପ୍ରତିଶତ ହେଉଛି ପାଣି ।
- ଜୋକର କେତୋଟି ମସ୍ତିଷ୍କ ଥାଏ ଜାଣନ୍ତି ? ଜୋକର ୩୨ ଟି ମସ୍ତିଷ୍କ ଥାଏ ।

## ଇନ୍‌ଫେକ୍ସନ କମାଏ ଲେମ୍ବୁପାଣି



**ଲେମ୍ବୁପାଣିରେ** ଅନେକ ଉପକାରୀ ତତ୍ତ୍ୱ ଭରି ରହିଛି । ଆମ ଶରୀରରେ ଇନ୍‌ଫେକ୍ସନ ବା ସଂକ୍ରମଣକୁ ନିୟନ୍ତ୍ରଣ କରିବାରେ ଏହା କେତେକାଂଶରେ ସହାୟକ ହୋଇଥାଏ । ଏଥିରେ ଥିବା ଅଧିକ ଉପକାରୀ ଗୁଣ ଉପରେ ୱାଶିଂଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି । କେବଳ ସେତିକି ନୁହେଁ, ନିୟମିତ ଲେମ୍ବୁ ପାଣି ପିଇଲେ ତାହା ଆମ ପାଇଁ ଆଉ ଏକ ଉପକାର କରିଥାଏ । ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଦୃଢ଼ ହୋଇଥାଏ ବୋଲି ଉକ୍ତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଏହି ପାଣିରେ ଫ୍ଲାଭୋନୋଏଡ୍ ନାମକ ତତ୍ତ୍ୱ ରହିଛି । ଏହାଦ୍ୱାରା ପେଟରୋଗ ଆଶଙ୍କା କେତେକାଂଶରେ ଦୂର ହୋଇଥାଏ । ଆପଣ ଚର୍ବି ବୃଦ୍ଧିଜନିତ ସମସ୍ୟା ସହ ଜଡିତ କି ? ଯଦି ହଁ, ତେବେ ଉଷୁମ ପାଣିରେ ଲେମ୍ବୁ ଏବଂ ଅଳ୍ପ ମହୁ ମିଶାଇ ପିଇଲେ ତାହା ଶରୀରରେ ଚର୍ବି ପରିମାଣକୁ ନିୟନ୍ତ୍ରଣରେ ରଖିଥାଏ । ଲେମ୍ବୁ ପାଣି ଭିଟାମିନ୍ 'ସି'ର ଅନ୍ୟତମ ପ୍ରମୁଖ ଉତ୍ସ । ଏହାକୁ ପିଇଲେ ତାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ କ୍ଲାନ୍ତି ଦୂର କରିବାରେ ସହାୟକ ହୋଇଥାଏ ।

## ହିତକାରୀ ପରିବା ବିଟ୍

**ମାଙ୍ଗାନିଜ୍**, ଭିଟାମିନ୍ ସି, ଲୌହ, ଫୋଲେଟ୍ ଓ ଫାଇବର ତତ୍ତ୍ୱ ଭରପୁର ବିଟ୍ ପରିବା ସମସ୍ତ ବୟସ ଓ ବର୍ଗର ଲୋକ ଖାଇବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ହିତକାରୀ । ବିଟ୍‌କୁ କଞ୍ଚା ଓ ତରକାରୀରେ ଉଭୟରେ ଉପଯୋଗ କରି ଖାଇହେବ । ନିୟମିତ ଭାବେ ଏଇ ପରିବାକୁ ନିଜ ଡାଏଟ୍ ଚାର୍ଟରେ ସାମିଲ କଲେ ଏକ ସୁସ୍ଥ ଜୀବନ ଅତିବାହିତ କରି ହୋଇଥାଏ ବୋଲି ବିଶେଷଜ୍ଞଙ୍କ ମତ । ଆପଣ ଚାହିଁଲେ ସାଲାଡରେ ବିଟର ପ୍ରୟୋଗ କରି ପାରିବେ, ପରିବା ରସ ଭାବେ ଦୈନିକ ଜଳଖିଆରେ ପିଇ ପାରିବେ ନଚେତ୍ ଦ୍ୱିପହର ଭୋଜନରେ ପଲଉରେ ବିଟର ବ୍ୟବହାର କରି ପାରିବେ । ନାଇଟ୍ରେଟ ପୋଷକତତ୍ତ୍ୱ ଭରପୂର ବିଟ୍ ପ୍ରତ୍ୟହ ଖାଇଲେ ହୃଦରୋଗ ହେବାର ଆଶଙ୍କା କମ୍ ବୋଲି ଅନୁସନ୍ଧାନରୁ ଜଣାପଡିଛି ।



ମଧୁମେହ ରୋଗୀଙ୍କ ନିମନ୍ତେ ବିଟ୍ ଏକ ଔଷଧ ପରି କାମ କରେ । କମ୍ କ୍ୟାଲୋରୀଯୁକ୍ତ ଏଇ ପରିବା ଖାଇଲେ ଓଜନ ମଧ ନିୟନ୍ତ୍ରଣରେ ରହେ ।

ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଏହା ଆମ ମସ୍ତିଷ୍କକୁ ମଧ ଉତ୍ତମ ଭାବେ କାର୍ଯ୍ୟକ୍ଷମ କରାଇଥାଏ । ପିଲାମାନଙ୍କୁ ବିଟ୍ ସିଝା ଖାଇବାକୁ ଦେଲେ ସେମାନଙ୍କ ଶରୀରର ଭଲ ବିକାଶ ହେଉଥିବାର ବିଶେଷଜ୍ଞଙ୍କ ମତ । ଭିଟାମିନ୍ ସି' ଭରପୁର ବିଟ୍ ଖାଇଲେ କର୍କଟ ରୋଗ ହେବାର ଆଶଙ୍କା କମ୍ ହୋଇଥାଏ ବୋଲି ଅନୁଧ୍ୟାନରୁ ଜଣାପଡିଛି ।

## ଓଜନ କମାଇବ ଅଦା

**ଦୈନନ୍ଦିନ** ଜୀବନଶୈଳୀରେ ୧ କପ୍ ଅଦା ମିଶ୍ରିତ ପାଣି ବା ଚାକୁ ସାମିଲ କରନ୍ତୁ, କାରଣ ଓଜନ ହ୍ରାସ ମାମଲାରେ ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଗବେଷକମାନେ କହିଛନ୍ତି । କଡ଼ା ସ୍ୱାଦଯୁକ୍ତ ଅଦା ଭାରତୀୟଙ୍କ ରୋଷେଇ ଶାଳର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଭାବେ ପରିଚିତ ।



ଅଣ୍ଡାରୁ ଆରମ୍ଭ କରି ବଦହଜମି ଆଦି ଚିକିତ୍ସାରେ ଏହାକୁ ଔଷଧ ଭାବେ ବ୍ୟବହାର କରାଯାଏ । ଏକାଧିକ ସ୍ୱାସ୍ଥ୍ୟ ହିତକର ଗୁଣରେ ଏହା ପରିପୂର୍ଣ୍ଣ । ମସଲାରେ ବ୍ୟବହୃତ ଏହି ଚମତ୍କାରୀ ଉପାଦ ଅତିରିକ୍ତ ଓଜନ ହ୍ରାସ କରିବାରେ ସକ୍ଷମ । ଅଦାରେ ଥିବା ଦୁଇ ଯୌଗିକ ଶୋଗାଓଲସ ଓ ଜିଞ୍ଜରୋଲ୍ସ ଜୈବିକ କାର୍ଯ୍ୟକଳାପକୁ ଉତ୍ତେଜିତ କରେ । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ତତ୍ତ୍ୱ ପ୍ରଦାହଠୁ ଦୂରରେ ରଖେ । ନିକଟରେ ଏକ ଅଧ୍ୟୟନ ପୁରୁଷଙ୍କ କ୍ଷୁଧା ଓ ପୃଥୁଳତା ଆଶଙ୍କା ହ୍ରାସ କ୍ଷେତ୍ରରେ ଅଦାରେ ପ୍ରସ୍ତୁତ ଗରମ ପାନୀୟର ପ୍ରଭାବ ସମ୍ପର୍କରେ ଆକଳନ କରିଛି । ଅଧ୍ୟୟନ ଅନୁସାରେ ଅଦା ଖାଇବା ଦ୍ୱାରା କ୍ଷୁଧା ଲାଳସା ହ୍ରାସପାଏ । ତେଣୁ ଓଜନ ନିୟନ୍ତ୍ରଣରେ ରଖିବା ଦିଗରେ ଏହା ପ୍ରଭାବଶାଳୀ ଭୂମିକା ନିର୍ବାହ କରେ । ରକ୍ତ ଶର୍କରା ସ୍ତରକୁ ମଧ ନିୟନ୍ତ୍ରଣରେ ରଖେ । ଓଜନରେ ସନ୍ତୁଳନ ରକ୍ଷା କରିବାକୁ ହେଲେ ହଜମ ପ୍ରକ୍ରିୟାକୁ ସୁସ୍ଥ ରଖିବା ଜରୁରୀ । ତେଣୁ ସକାଳେ ଖାଲି ପେଟରେ ଅଦାଯୁକ୍ତ ପାନୀୟ ପିଇବା ଦ୍ୱାରା ହଜମ ପ୍ରକ୍ରିୟା ଠିକ୍ ରହେ ।

## କହିପାରିବେ କି ?

(୧) ଯଦି ଏକ କମ୍ପ୍ୟୁଟରରେ ଗୋଟିଏରୁ ଅଧିକ ପ୍ରୋସେସର ଥାଏ ତା'ହେଲେ ତାକୁ କ'ଣ କୁହାଯାଏ ?
(୨) ଭାରତର ପ୍ରଥମ ଉପଗ୍ରହ ଆର୍ଯ୍ୟଭଟ୍ଟ କେଉଁଠାରୁ ପ୍ରେରିତ ହୋଇଥିଲା ?
(୩) ଇସ୍ରୋ କେବେ ପ୍ରତିଷ୍ଠିତ ହୋଇଥିଲା ?
(୪) ପ୍ରସିଦ୍ଧ ଉପନ୍ୟାସ 'ନାଇଣ୍ଟିନ୍ ଏଇଟି ଫୋର'କୁ କିଏ ରଚନା କରିଥିଲେ ?
(୫) ଭାରତରେ ଜାତୀୟ ମତଦାତା ଦିବସ କେବେ ପାଳନ କରାଯାଏ ?
(୬) ହୋମି ଭ୍ୟାରୱାଲା କ'ଣ ପାଇଁ ପ୍ରସିଦ୍ଧ ?
(୭) ସୀତାର କିଏ ଉଦ୍ଭାବନ କରିଥିଲେ ?
(୮) ଆମର ଜାତୀୟ ପତାକାରେ ଥିବା ଚକ୍ରରେ କେତୋଟି ପଲ ରହିଛି ?
(୯) ପି.ଭି. ନରସିଂହ ରାଓ ଭାରତର କେତେତମ ପ୍ରଧାନମନ୍ତ୍ରୀ ଥିଲେ ?
(୧୦) 'ମହାଭାରତ'ରେ ଅର୍ଜୁନଙ୍କ ରଥର ସାରଥୀ କିଏ ହୋଇଥିଲେ । ?

### JUMBLE WORDS

| | | | |
|---|---|---|---|
| 1) TUNIOG | = | 6) DNACEN | = |
| 2) NOLLEY | = | 7) ALGED | = |
| 3) DXUEE | = | 8) NGROP | = |
| 4) SOLSF | = | 9) SCAWEH | = |
| 5) TOOLNI | = | 10) FLYUEE | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଅମ୍ଳ, ୨. ନୀଳ-ଲୋହିତ, ୩. କ୍ଷାରୀୟ, ୪.ପୁଷ୍ଟିସାର, ୫.ପ୍ଲାଟିପସ୍, ୬. ପ୍ଲାଙ୍କଟନ୍, ୭. ୧୯୫୨, ୮. ଡି.ଏନ୍.ଏ, ୯. ସୋୟାବିନ୍, ୧୦. ଧୂଆଁପତ୍ର ଭୂତାଣୁ ।

***Jumble Words*** ର ଉତ୍ତର :-

(1) VIDEO (2) DROLL (3) MUDDLE (4) TRAUMA (5) BLURT
(6) KITTY (7) FINALE (8) HIDDEN (9) CARRY (10) DOUSE

# ସାମ୍ବାଦିକ ନବୀନ ଦାଶଙ୍କ ପରଲୋକ



ସମ୍ବଲପୁର: ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଥିବା ସାମ୍ବାଦିକ ନବୀନ ଦାଶ (୪୨)ଙ୍କର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ନବୀନ ନିଜ ଅନ୍ତେ ବାପା ତଥା ବରିଷ୍ଠ ସାମ୍ବାଦିକ ପ୍ରହଲ୍ଲାଦ ଦାଶ, ମା ସୁରେଶ୍ୱରୀ, ସ୍ତ୍ରୀ' ନିରୁପମା ଏବଂ ୧୧ -ବର୍ଷୀୟ ପୁଅ ବିକାଶ, ଦୁଇ ଭଉଣୀ ଏବଂ ଆତ୍ମୀୟଙ୍କୁ ଛାଡ଼ି ଯାଇଛନ୍ତି । ନବୀନ ୨୦୦୫ରେ ତାଙ୍କ ଘରୋଇ ଚ୍ୟାନେଲ 'ସମ୍ବଲଭୂମି'ରୁ ସାମ୍ବାଦିକତା ଆରମ୍ଭ କରି ବିଭିନ୍ନ ଗଣମାଧମରେ କାର୍ଯ୍ୟ କରିଥିଲେ । ଶାନ୍ତ ଓ ଅମାୟିକ ବ୍ୟବହାର ଯୋଗୁଁ ନବୀନ ସବୁ ବର୍ଗର ପ୍ରିୟଭାଜନ ହୋଇଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ନବୀନଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି । ସମ୍ବଲପୁର ପ୍ରେସ୍ କ୍ଲବ ଓ ସାମ୍ବାଦିକମାନଙ୍କ ପକ୍ଷରୁ ତାଙ୍କ ବିୟୋଗରେ ଶୋକସଭା ହୋଇଯାଇଛି ।

# ସୁଶାନ୍ତ କୁମାର ନାୟକଙ୍କ ମାତୃବିୟୋଗ



ସମ୍ବଲପୁର : ସ୍ୱର୍ଗତ ଶିବ ପ୍ରସାଦ ନାୟକଙ୍କ ଧର୍ମପତ୍ନୀ କଟରଧୂଆ ନିବାସୀ ପ୍ରଭାତ ମଞ୍ଜରୀ ଦେବୀଙ୍କ ପରଲୋକ ହୋଇଯାଇଛି । ବାର୍ଦ୍ଧକ୍ୟ ଜନିତ ରୋଗରେ ସେ କିଛି ଦିନ ହେବ ପୀଡ଼ିତ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ନାୟକ, ପୁତ୍ରବଧୂ ଶାରଦା ନାୟକ, ପୁତ୍ର ସମାଜସେବୀ ସୁଧାଂଶୁ କୁମାର ନାୟକ, ପୁତ୍ରବଧୂ ଚିନ୍ମୟୀ, ପୂର୍ବତନ ଭାରତୀୟ ଆକାଶ ବାହିନୀ ଅଧିକାରୀ ପୁତ୍ର ସଞ୍ଜୟ,ପୁତ୍ରବଧୂ ସ୍ମିତା ରାଣୀ, ନାତି ନାତୁଣୀ ସହିତ ଜାମାତା ଗିରିଧାରୀ ହୋତା, ସୂର୍ଯ୍ୟ ମହାପାତ୍ର, ଗଣନାଥ ପଣ୍ଡା ଓ ଗୋଲକ ବିହାରୀ ପଣ୍ଡା ଓ କନ୍ୟା ସବିତା, ସଂଯୁକ୍ତା, ସୁଜାତା ଓ ମଧୁସ୍ମିତା ଉପସ୍ଥିତ ଥିଲେ । ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ ।

# ଭାରତୀ କଳାବିକାଶ କେନ୍ଦ୍ରରେ ଶାସ୍ତ୍ରୀୟ ସଙ୍ଗୀତ କର୍ମଶାଳା

ବୁର୍ଲା: ଭାରତୀ କଳା ବିକାଶ କେନ୍ଦ୍ରରେ ପ୍ରଥମ ଥର ପାଇଁ ଶାସ୍ତ୍ରୀୟ ସଙ୍ଗୀତ କର୍ମଶାଳା ଆୟୋଜିତ ହୋଇଯାଇଛି । ଦୁଇ ଦିନ ବ୍ୟାପୀ କର୍ମଶାଳାରେ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ଯାମିନୀକାନ୍ତ ମିଶ୍ର, ତବଲା ବାଦକ ଗୁରୁ ଗଣେଶରାମ ବାରେଥ ଯୋଗ ଦେଇଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସଂଗଠନ ସମ୍ପାଦକ ପ୍ରମୋଦ ଦାଶ ମଞ୍ଚ ଆବାହନ ଓ ସମ୍ପାଦକ ନିରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଅଧକ୍ଷା ଶାନ୍ତିଲତା ବେହେରାଙ୍କ ନିର୍ଦ୍ଦେଶନାରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । କେନ୍ଦ୍ରର ପ୍ରତିଷ୍ଠାତା ତଥା ଉପଦେଷ୍ଟା ରଞ୍ଜିତ ପଟ୍ଟନାୟକ, ପ୍ରମୋଦ ଦାଶ, ଉପସଭାପତି ଲକ୍ଷ୍ମୀଧର ମହାନ୍ତି, ଉପାଧକ୍ଷ କାଳିଚରଣ ପାଢ଼ୀ, ସହସମ୍ପାଦକ ଇଂ. ଶିବପ୍ରସାଦ ସ୍ୱାଇଁ, ସଂସ୍କୃତି ସମ୍ପାଦକ ରଶ୍ମିରଞ୍ଜନ ଶତପଥୀ, ସହକୋଷାଧକ୍ଷ ରଜନୀକାନ୍ତ ଚିନହରା, ଡାଟା ଅପରେଟର ନୀଳମଣି ସାହୁ, ଗୁରୁ ସତ୍ୟବ୍ରତ ସାହୁ, ରାକ୍ଷୀ ଦୀପ ଓ ପଦ୍ମିନୀ ପ୍ରଧାନ, ଶିବଶଙ୍କର ମେହେର, ପୂଜା ପାରମିତା ସାହୁ, ସପ୍ରସନ୍ନ ଦାସ, ସୁକାନ୍ତ ଦୀପ, ତବଲା ଗୁରୁ ଲୋକେଶ ନାୟକ, ଗଜେନ୍ଦ୍ର ବଗାର, ଫଗୁନ ସେଠ ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ଛାତ୍ରୀ ପ୍ରତିମା ମହାନା, ଭାସ୍ୱତୀ ଢ଼ାଲି, ବରିଷ୍ଠ ସଦସ୍ୟ ଶିବଶଙ୍କର ପ୍ରଧାନ, ଛାତ୍ର ମନୋରଞ୍ଜନ ଶତପଥୀ, ଭଗବତୀ ମେହେର, ବେଦମତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବରଗଡ଼ରେ ଜିଲ୍ଲାସ୍ତରୀୟ 'ସମ୍ବଲପୁରୀ ଦିନ୍'



ବରଗଡ଼ : ମନୋହର ସାହିତ୍ୟ ସଂସଦ ଏବଂ ଶ୍ରୀଧର ସାହିତ୍ୟ ସଂସଦ ପକ୍ଷରୁ ବିଜୁ ପଟ୍ଟନାୟକ ଟାଉନ ହଲ ପରିସରରେ ଉତ୍ପନ୍ନ କୁମାର ଭୋଇଙ୍କ ଅଧକ୍ଷତାରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି । ଏଥିରେ ଅତାବିରା ବିଧାୟକ ନିହାର ରଂଜନ ମହାନନ୍ଦ ମୁଖ୍ୟଅତିଥି, ବିଜେପି ନେତା ସୁରେଶ୍ୱର ଶତପଥ, ସୌରୀ ବାରିକ, ଗୌରଚରଣ ପ୍ରଧାନ ଓ ସାହିତ୍ୟିକ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ସମ୍ମାନିତ ଅତିଥି ଓ ସୋହେଲା କଲେଜର ପୂର୍ବତନ ଅଧକ୍ଷ ପ୍ରଫେସର ଟେକଚାନ୍ଦ ଦୁଆନ ମୁଖ୍ୟବକ୍ତା ଭାବରେ ଯୋଗଦେଇ ସମଲପୁରୀ ଦିନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଅବଦାନ ଥିବା ଡକ୍ଟର ଗୋବର୍ଦ୍ଧନ ସାହୁ, ପ୍ରଫେସର ରମାକାନ୍ତ ତ୍ରିପାଠୀ, ସଂପାଦକ ସୁଶୀଳ କୁମାର ତ୍ରିପାଠୀ ଓ ହିନ୍ଦୀ ଅନୁବାଦକ ଦିନେଶ ମାଳି ପ୍ରମୁଖ ଚାରିଜଣ ସାରସ୍ୱତ ପ୍ରତିଭାକୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମେ ଗାଁ ସମଲେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା କରି ଶୋଭାଯାତ୍ରରେ ନଗର ପରିକ୍ରମା କରାଯାଇଥିଲା । ଲଳିତ ସାହୁ ସ୍ୱାଗତ କରିଥିବା ବେଳେ ତେଜରୁ ବାରିକ ଅତିଥି ପରିଚୟ ପ୍ରଦାନ ଓ ରଞ୍ଜିତ ପ୍ରଧାନ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଶେଷରେ ଆମର ଦମ୍ର ସଂପାଦକ ସୁରେଶ ଚନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନ କଥାକାର ନରେନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ଭାବରେ ଦିଲ୍ଲିପ କୁମାର ଦେବତା, ଅଶୋକ କୁମାର ପୂଝାରୀ, ରମେଶ ମହାପାତ୍ର, ଛବିଲ ପ୍ରଧାନ, ଭିକାରୀ ଚରଣ ପ୍ରଧାନ, ବିରବଲ ମହାକୁର, ହରିଲାଲ ସାହୁ, ଅଜିତ ମେହେର, ଅଧାପକ ସୁଭାଷ ହୁଏ ପ୍ରମୁଖ ଯୋଗଦାନ କରିଥିଲେ । ଅଧାପକ ଧ୍ରୁବ ଚରଣ ପ୍ରଧାନ, କେଦାର ନାଥ ସାହୁ, ପ୍ରଫୁଲ୍ଲ ସାହୁ, ଡଃ ସଂଗୀତା ପଣ୍ଡା ଓ ଡଃ ନାରାୟଣ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ କବି ସମ୍ମିଳନୀରେ ଶତାଧିକ କବି କବିତା ପାଠ କରିଥିଲେ । ପରିଚାଳନାରେ ନିମାଇଁ ଚରଣ ପ୍ରଧାନ, ବିକାଶ ଚନ୍ଦ୍ର ସାହୁ, କୁମୁଦ ବାରିକ, ନମିତା ଦୀପ ଯାଦବ, ମାମରାଜ ୱାଇଁ, ଗୌରଚରଣ ସା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହାପରେ ଚଟନି ମାଷ୍ଟର ଡ୍ୟାନ୍ସ ଗ୍ରୁପ ଓ ସାନ ଡ୍ୟାନ୍ସ ଗ୍ରୁପ ବରଗଡର କଳାକାର ନୃତ୍ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ଉମେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲଇକେରା ଓ କିର୍ମିରାରେ ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ କେନ୍ଦ୍ର ନୂତନ କୋଠା ଲୋକାର୍ପିତ

ଝାରସୁଗୁଡ଼ା : ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହଲିଙ୍ଗ ଲଇକେରା ବ୍ଲକର ମୁନ୍ଦ୍ରାଜୋର୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ କିର୍ମିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି । ଉଭୟ ଗୋଷ୍ଠୀକେନ୍ଦ୍ର ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି । ଏହି କୋଠା ଲୋକାର୍ପଣ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ହେଉଥିବା ରୋଗ ଗୁଡ଼ିକ ପାଇଁ ବିଭିନ୍ନ ପରୀକ୍ଷା ସୁବିଧା ଉପଲବ୍ଧ ହେବ । ଯାହା ଫଳରେ ଗରିବ ଶ୍ରେଣୀର ଲୋକେ ଖର୍ଚ୍ଚାନ୍ତ ର ଶିକାର ନ ହୋଇ ଏହାର ଲାଭ ନେଇ ପାରିବେ ବୋଲି ମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାନ ଙ୍କ ସମେତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ଅନ୍ୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ ।



# ବେଲପାହାଡ଼ରେ ପାଉଁଶ ଡମ୍ପିଂକୁ ବିରୋଧ

ଝାରସୁଗୁଡା: ବେଲପାହାଡ ନିକଟ କୋଲ କରିଡର ନିର୍ମାଣଧୀନ ରାସ୍ତାରେ ପାଉଁଶ, ପକାଯାଉଥିବା କାମକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି । ଏହି ନିର୍ମାଣଧୀନ ରାସ୍ତାରେ ପାଉଁଶ ପକାଯାଉଥିବା ବେଳେ କିଛି ଯୁବକ ବିରୋଧ କରିବାରୁ ପାଉଁଶ ଡମ୍ପି ବନ୍ଦ ରହିଥିଲା । ହେଲେ ତା ପରଦିନ ସକାଳେ ପୁଣି ଏହି କୋଲ କରିଡର ରାସ୍ତାରେ ପାଉଁଶ ପକାଯାଉଥିବା ବେଳେ ସ୍ଥାନୀୟ ଲୋକେ ଏହାକୁ ତୀବ୍ର ବିରୋଧ କରିଛନ୍ତି । ବିରୋଧ ସମୟରେ ବିଜେପି, ବିଜେଡି, କଂଗ୍ରେସ ଦଳର ନେତୃବୃନ୍ଦଙ୍କ ସହ ସ୍ଥାନୀୟ ଚାଷୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ ।

ଏହି ପାଉଁଶ ପକାଯାଉଥିବା ରାସ୍ତାର ଆଖପାଖରେ ଚାଷଜମି, ପୋଖରୀ, ନାଳ ଆଦି ରହିଥିବାରୁ ସେହି ସ୍ଥାନକୁ ପାଉଁଶ ମାଡି ପ୍ରଦୂଷଣ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି । ଆଖପାଖରେ ଚାଷ ଜମି ଥିବାବେଳେ ପ୍ରଦୂଷଣ ବିଭାଗରୁ ଅନୁମତି ନ ନେଇ ସ୍ଥାନୀୟ ଚାଷୀ ଏବଂ ଲୋକଙ୍କ ମତାମତ ନନେଇ ଏହି ପାଉଁଶ ଡମ୍ପି କରାଯାଉଛି । ଏହାଦ୍ୱାରା ଅଂଚଳର ଚାଷ ଜମି ପ୍ରଦୂଷିତ ହେବା ସହ ଜଳବାୟୁ ପ୍ରଦୂଷଣ ହେବ । ତେଣୁ ଏଠାରେ ପାଉଁଶ ପକାଇବାକୁ ବିରୋଧ କରାଯାଉଛି ବୋଲି ରାଜାରାମ ବୁଦ୍ଧିଆ, ରାଜେଶ ଭୋଇ, ମଞ୍ଜରୀ ପୃଷ୍ଟି, ଟୁଲୁ ମେହେର, ଚିକିନାଧଳ, ପଦ୍ମିନୀ ସିଂ ପ୍ରମୁଖ ପ୍ରକାଶକରିଛନ୍ତି । ରାଜାରାମ ବୁଦ୍ଧିଆଙ୍କ ବିଲ ଏବଂ ପୋଖରୀରେଏହି ବିଷାକ୍ତ ପାଉଁଶ ମାଡିଯାଇ କ୍ଷୟକ୍ଷତି ହୋଇଥିବା ପ୍ରକାଶ କରିଛନ୍ତି । ଏହାର ତଦନ୍ତ କରାଯାଇ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ସେ ଦାବି କରିଛନ୍ତି । ଅନ୍ୟପଟେ ବିକ୍ଷୋଭକାରୀମାନେ ବେଲପାହାଡ ନଗରପାଳଙ୍କ ନିକଟକୁ ଯାଇ ଏହି ପାଉଁଶ ଡମ୍ପିକୁ ରୋକିବା ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ । ବେଲପାହାଡ ନଗରପାଳ ନିମାଇଁ ଚରଣ ପଣ୍ଡା ତୁରନ୍ତ ପିଡବ୍ଲ୍ୟୁଡି ଏସଡିଓ ଏବଂ ବେଲପାହାଡ କାର୍ଯ୍ୟନିର୍ବାହୀ ଅଧିକାରୀ ଏ ବିଷୟରେ ଅବଗତ କରାଇ ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ପାଉଁଶ ଡମ୍ପିକୁ ରୋକିବା ଦିଗରେ ନେବାକୁ କହିଛନ୍ତି ।

# ବୁର୍ଲା ଏକତା ମଞ୍ଚ ପକ୍ଷରୁ 'ସମ୍ବଲପୁରୀ ଦିନ୍' ପାଳିତ



ବୁର୍ଲା : ବୁର୍ଲା ଏକତା ମଞ୍ଚ ପକ୍ଷରୁ ପକ୍କା ମାର୍କେଟ ଦୁର୍ଗା ମଣ୍ଡପରେ ସମ୍ବଲପୁରୀ ଦିନ ପାଳିତ ହୋଇଯାଇଛି । ଏଥିରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ମୁଖ୍ୟ ଅତିଥି, ଭୀମସାର ଅଧୀକ୍ଷକ ପ୍ରଫେସର ଡାକ୍ତର ଲାଲମୋହନ ନାୟକ, ଭିସୁଟ୍ କୁଳସଚିବ ପ୍ରଦୀପ ଡାଙ୍ଗ ଓ ଏମସିଏଲର ସିଭିଲ କନଷ୍ଟ୍ରକସନ ବିଭାଗ ମହାପ୍ରବନ୍ଧକ ଜ୍ୟୋତିର୍ମୟ ସିହ୍ନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏକତା ମଞ୍ଚ ସମ୍ବଲପୁରୀ ଦିନ ଉତ୍ସବ ପାଳନ କମିଟିର ଉପସଭାପତି ଗିରିଜା ନାୟକ ମଞ୍ଚ ସଂଯୋଜନା କରିଥିବା ବେଳେ ସାଧାରଣ ସମ୍ପାଦକ ପ୍ରଦୀପ ମିଶ୍ର ବିବରଣୀ ପାଠ କରିଥିଲେ । ଏହି ଅବସରରେ ବୁର୍ଲା ମାର୍କେଟ ବ୍ୟବସାୟୀ ସଂଘର ପୂର୍ବତନ ସଭାପତି ରଞ୍ଜିତ ପଟ୍ଟନାୟକ, ସମ୍ବଲପୁରୀ ଲେଖକ ଓ ନିର୍ଦ୍ଦେଶକ ଶିବଶଙ୍କର ପ୍ରଧାନ, ସମ୍ବଲପୁରୀ ଆଲବମ ଅଭିନେତା ସ୍ନେହାଶିଷ ରାଉତ, ସମ୍ବାଦିକ ବିଧାନ ବଳ, ପ୍ରଣବାନନ୍ଦ ପଣ୍ଡା, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଜ୍ୟୋତି କୁମାର ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ପରେ ଅନୁଷ୍ଠିତ ସମ୍ବଲପୁରୀ ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚ ଦୁଲୁକି ଥିଲା । ମନ ମାଷ୍ଟ୍ରେଙ୍କ ବ୍ୟଙ୍ଗ କବିତା ସହ ହାସ୍ୟ ଅଭିନେତା ବିନ୍ଦୁଙ୍କ ଦଳ ଦ୍ୱାରା ପ୍ରଦର୍ଶିତ ହାସ୍ୟ ନାଟିକା ଦର୍ଶକଙ୍କୁ ବେଦମ୍ କରି ଦେଇଥିଲା ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

# ସମ୍ବଲପୁରୀଆ ଲୋକ ସମସ୍ତଙ୍କର ଉନ୍ନତି ଚାହାଁନ୍ତି: ଜୟନାରାୟଣ ମିଶ୍ର





ସମ୍ବଲପୁର: ସମ୍ବଲପୁରୀଆ ଲୋକ ସମସ୍ତଙ୍କର୍ ଉନ୍ନତି ଚାହାନ୍ତି । ଓଡ଼ିଶାର କୌଣସି ଅଞ୍ଚଳ ଅନୁନ୍ନତ ରହୁ ଏହା ଏ ଅଞ୍ଚଳର କୌଣସି ଲୋକ ଚାହାନ୍ତି ନାହିଁ ବୋଲି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି । ଓଡ଼ିଶା ସାଂସ୍କୃତିକ ସମାଜ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ସମ୍ବଲପୁରୀ ସାହିତ୍ୟ ସାଧକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ୧୧୨ ତମ ଜୟନ୍ତୀ ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶ୍ରୀ ମିଶ୍ର କହିଥିଲେ ଯେ, 'ବନ୍ଦେ ଉତ୍କଳ ଜନନୀ' ଗୀତ ଗାଇବା ପାଇଁ କାହାକୁ ବାଧ କରାଯାଇ ପାରିବ ନାହିଁ । ଓଡ଼ିଶା ଗଠନର ବହୁ ପୂର୍ବରୁ ବର୍ତ୍ତମାନର ଓଡ଼ିଶା ମାତ୍ର କେତେକ ଅଞ୍ଚଳକୁ ନେଇ ଏହି ଗୀତ ରଚିତ ହୋଇଥିଲା । ସର୍ବୋପରି ସୁପ୍ରିମକୋର୍ଟ ମଧ ଜାତୀୟ ସଙ୍ଗୀତ ବ୍ୟତୀତ କୌଣସି ରାଜ୍ୟ ସଙ୍ଗୀତ ଗାନ ପାଇଁ ବାରଣ କରିଛନ୍ତି । ତେବେ ସେ ଏହା କହିବାରୁ କେତେକ ଲୋକ ତାଙ୍କୁ ଓଡ଼ିଶାର ବିଭାଜନର କଥା କହୁଛନ୍ତି ବୋଲି ଅଭିଯୋଗ କରୁଛନ୍ତି । ତେବେ ଏ ପର୍ଯ୍ୟନ୍ତ ଆମେ କୌଣସି ବିଭାଜନର ପ୍ରଶ୍ନ ଉଠାଇ ନାହୁଁ । ଏପରି ବାରମ୍ବାର ଅଭିଯୋଗ କଲେ ଏବଂ ଆମେ ବିଭାଜନର ସ୍ୱର ଉତ୍ତୋଳନ କଲେ ଓଡ଼ିଶା ନିଶ୍ଚିତ ଭାବେ ବିଭାଜନ ହୋଇଯିବ ବୋଲି ଶ୍ରୀ ମିଶ୍ର ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

ଅନୁଷ୍ଠାନର ଅଧକ୍ଷ ଡକ୍ଟର ପରେଶ ଚନ୍ଦ୍ର ଦାନୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସାହିତ୍ୟିକ ଡକ୍ଟର ଦ୍ୱାରିକାନାଥ ନାୟକ ମୁଖ୍ୟବକ୍ତା, ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ସମ୍ମାନିୟ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଅବସରରେ ସାହିତ୍ୟିକ ଶ୍ରୀ ସୌଭାଗ୍ୟବନ୍ତ ମହାରଣା ଓ ସିଦ୍ଧେଶ୍ୱରୀ ଧର୍ମ ସଂସଦ ଅନୁଷ୍ଠାନକୁ 'ଗୁରୁ ସତ୍ୟନାରାୟଣ ବହିଦାର ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା ।

ସମ୍ପାଦକ ଶ୍ରୀ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ ଭାଷଣ, ଶ୍ରୀ ଅଖିଳ ରଞ୍ଜନ ପଟ୍ଟନାୟକ ଓ ଦୀପକ କୁମାର ପଣ୍ଡା ମାନପତ୍ର ପାଠ, ତ୍ରିଲୋଚନ ତ୍ରିପାଠୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ସେହିପରି କବି ସୌଭାଗ୍ୟବନ୍ତ ମହାରଣାଙ୍କ ଲିଖିତ କବିତା ସଂକଳନ 'ସମ୍ବଲପୁରୀ କବି ଆର୍ କବିତା - ସିରିଜୀନାର ସୁରୂତା' ଉନ୍ମୋଚିତ ହୋଇଥିଲା । ଏହା ପରେ ଆୟୋଜିତ କବିତା ପାଠୋତ୍ସବରେ ପ୍ରାୟ ସତୁରି ଜଣ ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାର କବି, କବୟତ୍ରୀ ସେମାନଙ୍କର ରଚିତ କବିତା ପାଠ କରିଥିଲେ । ଏହାକୁ ସଂଯୋଜନା କରିଥିଲେ ଲଳିତ ମୋହନ ବେବର୍ତା, ତଫିଜୁଲ୍ ହୁସେନ ଓ କ୍ଷେତ୍ରମଣି ବିଭାର । ଶେଷରେ ଯୁଗ୍ମ ସମ୍ପାଦିକା ଶ୍ରୀମତୀ ସୁରେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



# କୁଳମଣି ବିଶ୍ୱାଳଙ୍କ କବିତା ସଂଗ୍ରହର ହିନ୍ଦୀ ସଂକଳନ 'ପ୍ରେମାର୍ଦ୍ଧଶତକ' ଉନ୍ମୋଚିତ



ନୂଆଦିଲ୍ଲୀ: ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଥିବା ରୀତିଯୁଗୀୟ ସାହିତ୍ୟିକ ମାନଙ୍କର ଭୂମିକା ଓ ପ୍ରଭାବ ଶୀର୍ଷକ ଆଲୋଚନାଚକ୍ର ସହିତ କବି ଏବଂ ଚିତ୍ରଶିଳ୍ପୀ ଡ଼ କୁଳମଣି ବିଶ୍ୱାଳଙ୍କ 'ପ୍ରେମାର୍ଦ୍ଧଶତକ' କବିତା ପୁସ୍ତକର ହିନ୍ଦୀ ସଙ୍କଳନର ଉନ୍ମୋଚନ ଉତ୍ସବ ସ୍ଥାନୀୟ ଆଇଆଇଏମସି ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ପଲ୍ଲୀବାଣୀ ମିଶନ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ବାଗ୍ମୀ ଡକ୍ଟର କୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ପଲ୍ଲୀବାଣୀ ମିଶନର ଅଧକ୍ଷ ରାମଚନ୍ଦ୍ର ନାଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଡକ୍ଟର କୃଷ୍ଣ କେଶବ ଷଡଙ୍ଗୀ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ । ଏହି ଅଧିବେଶନରେ କବି ଏବଂ ପ୍ରେମାରର୍ଦ୍ଧ ଶତକର ସଂକଳକ କୁଳମଣି ବିଶ୍ୱାଳ ରୀତିଯୁଗୀୟ ସାହିତ୍ୟର ମାଧୁର୍ଯ୍ୟ ଉପରେ କହିଥିଲେ । ଦେବେନ୍ଦ୍ର ମାଝୀ, ରବୀନ୍ଦ୍ର ପ୍ରଧାନ, ସଂଜୀବ ପାଢୀଯୋଶୀ ଉପସ୍ଥିତ ଥିଲେ ଏବଂ ପବିତ୍ର ମହାରଥା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରେମାର୍ଦ୍ଧଶତକର





ଉନ୍ମୋଚନରେ ସାଂସଦ ବିଭୁପ୍ରସାଦ ତରାଇ, ସୁକାନ୍ତ ପାଣିଗ୍ରାହୀ, ଅନୁବାଦକ ଦୀନେଶ ମାଲୀ, ରମାକାନ୍ତ ଶର୍ମା, ରାଜେନ୍ଦ୍ର ପ୍ରସାଦ ମିଶ୍ର, ଡି.ପି ମିଶ୍ର ପ୍ରମୁଖ ପ୍ରସାଦ ମିଶ୍ର, ଡି.ପି ମିଶ୍ର ପ୍ରମୁଖ ଉପସ୍ଥିତ ରହି ପୁସ୍ତକ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସ୍ୱନାମ ଧନ୍ୟା କଣ୍ଠଶିଳ୍ପୀ ସୁସ୍ମିତା ଦାସଙ୍କର କଣ୍ଠରେ ଡ଼କ୍ଟର କୁଳମଣି ବିଶ୍ୱାଳଙ୍କର ରଚିତ ସଙ୍ଗୀତ ଗାନ ସହିତ ଡକ୍ଟର ବିଶ୍ୱାଳଙ୍କର ଜୀବନ୍ତ ଚିତ୍ରକଳା ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା । ନୃତ୍ୟଶିଳ୍ପୀ ଦିବ୍ୟାସି ରାଉତ, ଦକ୍ଷ୍ୟା ସାମଲ, ସ୍ନେହାଲି ଜେନା ପ୍ରିୟଦର୍ଶିନୀ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ । ରୀତା ପାତ୍ର ଓ ଗୋବର୍ଦ୍ଧନ ଧଳ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

# ଝାରସୁଗୁଡ଼ା ଜିଲ୍ଲାରେ 'ସମ୍ବଲପୁରୀ ଦିନ୍' ପାଳିତ





ଝାରସୁଗୁଡ଼ା : ସମ୍ବଲପୁରୀ ଭାଷା ସାହିତ୍ୟ ଓ ସଂସ୍କୃତି ମଞ୍ଚ ପକ୍ଷରୁ ବେହେରାମାଲ ସ୍ଥିତ ଏମସିଏଲ ଅଡିଟୋରିୟମରେ ସମ୍ବଲପୁରୀ ଦିନ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ବ୍ୟଙ୍ଗ କବି ମନ ମାଷ୍ଟ୍ରେ, ପଶ୍ଚିମ ଓଡିଶାର ପ୍ରସିଦ୍ଧ ଗାୟକ ଶାଶ୍ୱତ ତ୍ରିପାଠୀ, ଗାୟିକା ତପସ୍ୱିନୀ ଦାସ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ଫେସନ ଶୋ, ସମ୍ବଲପୁରୀ ନାଚ, ଗୀତ, ରେଙ୍ଗାଲି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଓ ମହିଳା ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ସୁବ୍ରତ ତ୍ରିପାଠୀ ପରିଚାଳନା କରିଥିବା ବେଳେ ବିମଳେନ୍ଦୁ ଭୋଳ, ବିଜୟ ବେହେରା, ମନୋରଞ୍ଜନ ମହାପାତ୍ର, ମାନସୀ ପଣ୍ଡା ପ୍ରମୁଖଙ୍କ ସହ ମଞ୍ଚର ବହୁ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ ।

ସେହିପରି ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ମଙ୍ଗଳବଜାର ସ୍ଥିତ ଅଡିଟୋରିୟମ ଠାରେ ସମ୍ବଲପୁରୀ ଦିନ୍ ପାଳନ କରାଯାଇଛି । ଦିନବ୍ୟାପୀ ଚାଲିଥିବା କାର୍ଯ୍ୟକ୍ରମରେ ମନ୍ତ୍ରୀ, ନେତା, କଳାକାର ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଯୋଗଦାନ କାର୍ଯ୍ୟକ୍ରମର ଗରିମା ବୃଦ୍ଧି କରିଥିଲା । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ବିଧାୟିକା ଦୀପାଳି ଦାସ, ଲୋକ କବି ରତ୍ନ ପଦ୍ମଶ୍ରୀ ହଳଧର ନାଗ, ପ୍ରସିଦ୍ଧ ରଙ୍ଗବତୀ ଗୀତର ରଚୟିତା ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, କଂଗ୍ରେସ ନେତ୍ରୀ ଅମିତା ବିଶ୍ୱାଳ, ପୌରାଧକ୍ଷା ରାନୀ ହାତୀ, ଉପ ନଗରପାଳ ବେଣୁଗୋପାଳ ପାଣିଗ୍ରାହୀ, ଡାକ୍ତର ଶଙ୍କର ରାମଚନ୍ଦାନୀ, ଦୁଃଖିଶ୍ୟାମ ଷଡ଼ଙ୍ଗୀ, ଗୁରୁ ସତ୍ୟନାରାୟଣ ବହିଦାରଙ୍କ ନାତି ତରୁଣ ବହିଦାର, ତାପସରାୟ ଚୌଧୁରୀ, ଡାକ୍ତର ବବିତା ରମାନି, ହିମାଂଶୁ ବଡ଼ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସମ୍ବଲପୁରୀ ଦିନ ପାଳନ ଆମ ଭାଷା, ସଂସ୍କୃତି ଓ ପରମ୍ପରାର ମୌଳିକତା ଓ ମହାନତାକୁ ଉର୍ଦ୍ଧ୍ୱକୁ ଟେକି ଧରିବା ଦିଗରେ ପ୍ରେରଣା ଯୋଗାଉଛି ବୋଲି ମତ ବ୍ୟକ୍ତ କରିଥିଲେ । ପଶ୍ଚିମ ଓଡ଼ିଶାର କଳା ଓ ସଂସ୍କୃତି ପ୍ରତି ସମର୍ପିତ ଥିବା ସୁରଙ୍ଗ ପ୍ରଧାନ, ସମାଜସେବାରେ ବ୍ରତୀ ଥିବା ପଦ୍ମିନୀ ସିଂ ଏବଂ ସ୍ୱର୍ଗତ ଅଜିତ ରଥଙ୍କ ପତ୍ନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସକାଳେ ସହରର କନକ ଦୁର୍ଗା ମନ୍ଦିରରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହରର ମୁଖ୍ୟ ମାର୍ଗ ଦେଇ ଅଡିଟୋରିୟମ ଠାରେ ପହଞ୍ଚିଥିଲା ।' ଏଥିରେ ବହୁ କଳାକାର ଏବଂ ସମ୍ବଲପୁରୀ ପ୍ରେମୀ ଜନତା ସାମିଲ ହୋଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଏକତା ମଞ୍ଚର ଜିଲ୍ଲା ସଂଯୋଜକ ରାଜେଶ ପାଢୀ, ସୁଜାତା ମିଶ୍ର, ବିବେକାନନ୍ଦ ମିଶ୍ର, ଆଲୋକ ପାଣିଗ୍ରାହୀ ପ୍ରମୁଖ ସହାୟତା କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra